ଧରିତ୍ରୀ
DHARITRI

August 25-31, 2024 ₹ 2/-

ଧରିତ୍ରୀ DHARITRI 50 Years

# ଛୁଟିଦିନ



# କଥା ସେପାଖର ଜୀବନ

ପ୍ରଚ୍ଛଦ ପ୍ରସଙ୍ଗ

୩

ଏମାନେ କଥାକାର । କାହାଣୀ ତିଆରି କରନ୍ତି,
ପାଠକଙ୍କୁ ବାନ୍ଧି ରଖନ୍ତି କଲମର ଶକ୍ତିରେ ।
କିନ୍ତୁ ଏହାବାଦ୍ ବି ନିରିଖେଇ ଦେଖିଲେ ଲାଗିବ
ସେମାନଙ୍କର ଅଛି ଆଉ କିଛି ରୁଚି, ଯାହା ସେମାନଙ୍କୁ
ଦିଏ ଆଉ ଏକ ପରିଚୟ...

# ସୁଖ ସମୃଦ୍ଧି ପାଇଁ ବାସ୍ତୁ

ଅନେକଥର ଦେଖାଯାଏ, ଘରେ କୌଣସି ଜିନିଷର ଅଭାବ ନଥାଇ ବି ଅଶାନ୍ତି ଲାଗି ରହିଥାଏ। ଘରର ଉନ୍ନତି ପଥରେ ବାଧା ଉପୁଜିବା ସହ ରୋଜଗାର ତୁଳନାରେ ଖର୍ଚ୍ଚ ବଢିଯାଉଥାଏ, ରୋଗବ୍ୟାଧି ଲାଗି ରହିଥାଏ ଏମିତି ଅନେକ କିଛି। ବିଶ୍ୱାସ ରହିଛି, ଏସବୁ କୁଆଡ଼େ ବାସ୍ତୁଦୋଷ ପାଇଁ ହୋଇଥାଏ। ତେଣୁ କ'ଣ କଲେ ଏସବୁରୁ ମୁକ୍ତି ପାଇହେବ ଜାଣନ୍ତୁ ସେ ସମ୍ପର୍କରେ...



✻ଘରର ମୁଖ୍ୟ ଦ୍ୱାରକୁ ସର୍ବଦା ସଫାସୁତୁରା ରଖିବା ସହ ଏଠାରେ କେମିତି ଭଲ ଆଲୋକ ପଡିପାରିବ ସେ ବ୍ୟବସ୍ଥା କରିବା ଦରକାର।

✻ରୋଷେଇ ଘରକୁ ସଫା ରଖିବା ସହ ତିଆରି କରାଯାଇଥିବା ପ୍ରଥମ ରୁଟିକୁ ଗୋମାତାଙ୍କୁ ଖାଇବାକୁ ଦେବା ଶୁଭ ହୋଇଥାଏ।

✻ ସପ୍ତାହକୁ ଥରେ ହେଉନା କାହିଁକି ଘରେ ଝୁଣା ଧୂଆଁ ଦେବା ସହ ପ୍ରତିଦିନ କର୍ପୂର ଆଳତି କରିବା ଦ୍ୱାରା ଘରୁ ନକାରାତ୍ମକ ଉର୍ଜ୍ଜା ଦୂର ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

✻ ଘରେ କେବେ ବି ଭଙ୍ଗାରୁଜା ଜିନିଷ ତଥା ଅଳିଆ ଆବର୍ଜନାକୁ ଗଦେଇ ରଖିବା ଠିକ୍ ନୁହେଁ। ଏହାର କୁପ୍ରଭାବ ଘରର ସୁଖଶାନ୍ତି ଉପରେ ପଡିଥାଏ।

✻ ବାସନକୁସନକୁ ଜୋର୍‌ରେ ଶବ୍ଦ କରି ମାଜିବା ଅଥବା ଖଡ୍‌ଖାଡ୍ କରିବା ମଧ୍ୟ ନକାରାତ୍ମକ ଉର୍ଜ୍ଜାକୁ ବଢାଇଥାଏ।

✻ ଘରେ ଲାଗିଥିବା କୌଣସି ଟ୍ୟାପ୍‌ରୁ ଯେମିତି ପାଣି ଲିକ୍ କରୁ ନଥିବ ସେଥିପ୍ରତି ଧ୍ୟାନ ଦେବା ଦରକାର।

✻ ବାଥ୍‌ରୁମ୍‌କୁ ସର୍ବଦା ସଫା ରଖିବା ସହ ଧ୍ୟାନଦେବେ ଏଠାରୁ ଯେମିତି ଦୁର୍ଗନ୍ଧ ବାହାରୁ ନଥିବ।

✻ ଘର ସମ୍ମୁଖରେ ଚପଲକୁ ଏଣେ ତେଣେ ଫେଂପାଡିବା ବି ଅଶାନ୍ତିର କାରଣ ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୨୫-୩୧

**ମେଷ**



ସହକର୍ମୀଙ୍କ ସହ ମତଭେଦ, ଶାରୀରିକ ଅସୁସ୍ଥତା, ବୈଷୟିକ ଅଭିବୃଦ୍ଧି, ସାମାଜିକ ସମ୍ମାନ ପାଇବେ, ଭ୍ରମଣ ସୁଯୋଗ ଜୁଟିବ, ଧର୍ମକାର୍ଯ୍ୟର ଆଲୋଚନା, ପରିବାରରୁ ପୂର୍ଣ୍ଣ ସହଯୋଗ, ସୁସ୍ଥ ମାନସିକତା, ଦୂରାଗତ ବନ୍ଧୁଙ୍କ ସାନ୍ନିଧ୍ୟ ॥

**ବୃଷ**



କର୍ମକ୍ଷେତ୍ରରେ ଦକ୍ଷତା, ଦୁଃସାହସିକ ପଦକ୍ଷେପ, କୃତକାର୍ଯ୍ୟ ହେବେ, ଅର୍ଥର ଆବଶ୍ୟକତା, ମୂଲ୍ୟବାନ ଦ୍ରବ୍ୟଲାଭ, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନୀ, ଦ୍ୱନ୍ଦ୍ୱରେ ପଡିପାରନ୍ତି, ମଙ୍ଗଳୋତ୍ସବ କାର୍ଯ୍ୟ, ରାଜନୈତିକ ଆଲୋଚନା ॥

**ମିଥୁନ**



ବନ୍ଧୁଙ୍କ ସାହାଯ୍ୟ ସହଯୋଗ, ବିଗତ ଘଟଣାର ସମୀକ୍ଷା, ବୈଷୟିକ ଉନ୍ନତି, ପ୍ରଶଂସିତ ହେବେ, ବାଧ୍ୟବାଧକତାରେ କାମ, ମିତ୍ରତା ବୃଦ୍ଧି ଘଟିବ, ବ୍ୟବସାୟରେ ପ୍ରତିବନ୍ଧକ, ଆନୁଷ୍ଠାନିକ କର୍ମାରମ୍ଭ, ଧର୍ମାନୁଷ୍ଠାନର ନେତୃତ୍ୱ ॥

**କର୍କଟ**



କର୍ମକ୍ଷେତ୍ରରେ ସମସ୍ୟା, ଜଞ୍ଜାଳ ବଢିଯିବ, ମାନସିକ ଚାପବୃଦ୍ଧି, ଅବସର ମିଳିବନି, ଶୁଭ ଖବର ପାଇବେ, ପ୍ରତିଯୋଗିତାରେ ସଫଳତା, ଅର୍ଥ ସଙ୍କଟ ଟଳିଯିବ, ପାରିବାରିକ ବିତର୍କ, ନୂତନ ସମ୍ପର୍କ ସୃଷ୍ଟି ॥

**ସିଂହ**



ସମସ୍ୟା ସମାଧାନ, ଅପବ୍ୟୟରୁ ଅନୁଚିନ୍ତା, ସମାଲୋଚିତ ହୋଇପାରନ୍ତି, ବନ୍ଧୁସମ୍ପର୍କ ହାନି, ରାଜନୀତିରେ ବିତର୍କ, ଅର୍ଥଦ୍ରବ୍ୟ ଲାଭ, ପଡୋଶୀଙ୍କ ମିତ୍ରତା ବୃଦ୍ଧି, ଦୂରଯାତ୍ରାର ଯୋଜନା, ଜମିଜମା ବିବାଦ, ଧର୍ମକାର୍ଯ୍ୟ ପ୍ରତି ରୁଚି ॥

**କନ୍ୟା**



ନିରୁତ୍ସାହିତ ରହିବେ, ବନ୍ଧୁ ସହାୟତା ପାଇବେ, ବନ୍ଧୁମିଳନର ଆୟୋଜନ, ଉଚ୍ଚବର୍ଗଙ୍କ ସହାୟତା, ସାମାଜିକ ସମ୍ମାନ, ଲକ୍ଷ୍ୟହୀନ ଯାତ୍ରା, ପରିବାରରେ ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଧନହାନୀ ଘଟିପାରେ ॥

**ତୁଳା**



ମାନସିକ ଅସ୍ଥିରତା, ଅପ୍ରିୟସତ୍ୟରୁ ବିବାଦ, ବନ୍ଧୁ ବିରୋଧି ହୋଇପାରନ୍ତି, ଅର୍ଥସାହାଯ୍ୟ ପ୍ରାପ୍ତି, ବାଣିଜ୍ୟର ଅଭିବୃଦ୍ଧି, ଲାଭାଂଶ ବଢିପାରେ, ହାତ ପାଦରେ ଆଘାତ, ଭ୍ରାତୃସମ୍ପର୍କ ହ୍ରାସ, ଲେଖାପଢାରେ କୁଶଳ, ପରୋକ୍ଷ ଶତ୍ରୁତା ॥

**ବିଛା**



ଶାରୀରିକ ଅସୁସ୍ଥତା, ପରିବାରରେ ଝଡ,ବନ୍ଧୁ କ୍ଷୁବ୍ଧ ହେବେ, ଅସଂପୂର୍ଣ୍ଣ କାର୍ଯ୍ୟ, ବନ୍ଧୁଙ୍କ ଅନାଦର ଭାବ, ପରିସ୍ଥିତି ହାଲୁକା ରହିବ, ବନ୍ଧୁମିଳନରୁ ଆନନ୍ଦ, ଯାତ୍ରାରେ ସଫଳତା, ପଦମର୍ଯ୍ୟଦା ବୃଦ୍ଧି, ଆଶାନୁରୂପ ଫଳ, ଆତ୍ମୀୟମାନେ ଦୂରେଇବେ ॥

**ଧନୁ**



କାର୍ଯ୍ୟରେ ସଫଳତା, ପଦମର୍ଯ୍ୟଦାବୃଦ୍ଧି, ଖୁସିର ଆସର ଜମିବ, ନିର୍ମାଣ କାର୍ଯ୍ୟରେ ବିବାଦ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ସମସ୍ୟାର ସମାଧାନ, ନଷ୍ଟ ଦ୍ରବ୍ୟପ୍ରାପ୍ତି, ସୁସମ୍ପର୍କ ବ୍ୟାହତ,ଭୁଲ କାମ କରିପାରନ୍ତି, ଶାରୀରିକ ପୀଡ଼ାନୁଭବ, ଯୋଗଶିକ୍ଷାରେ ରୁଚି ॥

**ମକର**



ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଦୂରବସ୍ଥା, ସଭାସମିତିକୁ ନିମନ୍ତ୍ରଣ, ପରିବହନରେ ଝଗଡା, ସାମ୍ପ୍ରଦିକତାରୁ ଗୌରବ, ପିଲାଙ୍କ ବିଶୃଙ୍ଖଳା, ଖର୍ଚ୍ଚ ପରିମାଣ ବୃଦ୍ଧି, ପରିସ୍ଥିତି ବଦଳିବ, ଋଣ ପରିଶୋଧ, ରୋଗପୀଡା କମିବ, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ॥

**କୁମ୍ଭ**



ଅସୁସ୍ଥ ମାନସିକତା, ଆର୍ଥିକ ଅଭିବୃଦ୍ଧି, ପଡୋଶୀଙ୍କ ସମାଲୋଚନା, ଗୃହସୀମା ବିବାଦ, ସାହିତ୍ୟାନୁରାଗ, ଶିଳ୍ପବାଣିଜ୍ୟରେ ଉନ୍ନତି, ଅର୍ଥସମ୍ମାନ ପାଇବେ, ସମସ୍ୟା ସୁଧାରିନେବେ, କାର୍ଯ୍ୟହାନି ଘଟିବ, ମନୋବଳ ବୃଦ୍ଧି, ବିବାଦୀୟ ହୋଇପଡିବେ ॥

**ମୀନ**



ଅତୀତ ଘଟଣାର ଅନୁଚିନ୍ତା, ଅହେତୁକ ଚିନ୍ତା, ମନ ଆନ୍ଦୋଳିତ ରହିବ, ସାମାଜିକ ସମ୍ମାନ, ପ୍ରତିଯୋଗିତାରେ ସଫଳତା, ଶୁଭଖବର ପାଇବେ, ସମସ୍ୟାର ସମାଧାନ, ଆମୋଦ ପ୍ରମୋଦ, ପାରିବାରିକ ଶାନ୍ତି, ସମସ୍ୟା ସମାଧାନ, ସାହାଯ୍ୟ ସହଯୋଗପ୍ରାପ୍ତି, ବିବାଦରେ ବିଜୟ ॥

# କେଉଁ ଘର ପାଇଁ କେଉଁ ରଙ୍ଗ ଶୁଭ



ଘରକୁ ଆକର୍ଷଣୀୟ କରିବା ପାଇଁ ଏହାର ପ୍ରତି ରୁମ୍, କାନ୍ଥ, ବାଡ଼, ଛାତରେ ଆମେ ବିଭିନ୍ନ ପ୍ରକାରର ରଙ୍ଗ ଦେଇଥାଉ। ହେଲେ ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ପ୍ରତି ରୁମ୍‌ରେ ସବୁ ପ୍ରକାରର ରଙ୍ଗ ଦେଇହେବ ନାହିଁ। କେଉଁ ରୁମ୍‌ରେ କେଉଁ ରଙ୍ଗ ଦେଲେ ଶୁଭ ହୁଏ ଜାଣନ୍ତୁ ସେ ସମ୍ପର୍କରେ...

✻ ପୂଜାଘର ଶାନ୍ତି ଓ ପବିତ୍ରତାର ପ୍ରତୀକ ହୋଇଥାଏ। ତେଣୁ ଏହି ଘରର ସୌନ୍ଦର୍ଯ୍ୟ ଓ ଗୁଣବତ୍ତାକୁ ଆହୁରି ବଢାଇବା ପାଇଁ ଏହି ଘରେ ହାଲ୍‌କା ନୀଳ, ଧଳା କିମ୍ବା ହାଲ୍‌କା ସବୁଜ ରଙ୍ଗ ଲଗାଇବା ଶୁଭଫଳ ପ୍ରଦାନ କରିଥାଏ। ✻ ବାସ୍ତୁଶାସ୍ତ୍ର ଅନୁଯାୟୀ, ଲିଭିଂ ରୁମ୍‌ର ସକାରାତ୍ମକ ଗୁଣ ବୃଦ୍ଧି କରିବା ପାଇଁ ଏହି ରୁମ୍‌ରେ ଧଳା, ହଳଦିଆ, ହାଲ୍‌କା ନୀଳ ଅଥବା ହାଲ୍‌କା ସବୁଜ ରଙ୍ଗ ଲଗାଇବା ଶୁଭ ହୋଇଥାଏ। ଯେତେ ସମ୍ଭବ ଗାଢ ରଙ୍ଗର ପ୍ରୟୋଗ ଏହି ରୁମ୍‌ରେ ନ କରିବା ଭଲ। ✻ ରୋଷେଇ ଘରେ ଯେହେତୁ ଅଗ୍ନି ଦେବଙ୍କର ବାସ ଥାଏ, ତେଣୁ ଏହି ଘରେ ହଳଦିଆ, ନାରଙ୍ଗୀ, ନାଲି ଅଥବା କେଶରୀୟା ରଙ୍ଗ ଲଗାଇବା ଶୁଭ ହୋଇଥାଏ। କଳା କିମ୍ବା ଅନ୍ୟ କୌଣସି ଗାଢ ରଙ୍ଗ ଏହି ଘରେ ଲଗାଇବେ ନାହିଁ। ✻ ନବ ବିବାହିତା ଦମ୍ପତିଙ୍କ ବେଡରୁମ୍‌ରେ ହାଲ୍‌କା ଗୋଲାପୀ କିମ୍ବା ହାଲ୍‌କା ଲାଲ୍ ରଙ୍ଗ ଲଗାଇବା ଶୁଭ ହୋଇଥାଏ। ଆବଶ୍ୟକ କ୍ଷେତ୍ରରେ ଏହି ରୁମ୍‌ରେ ଅନ୍ୟ ଯେ କୌଣସି ହାଲ୍‌କା ରଙ୍ଗ ମଧ୍ୟ ବ୍ୟବହାର କରିହେବ। କିନ୍ତୁ ଭୁଲ୍‌ରେ କେବେ ବି କଳା କିମ୍ବା ଗାଢ ବାଇଗଣୀ ରଙ୍ଗ ବ୍ୟବହାର କରିବେ ନାହିଁ। ଏହା ସମ୍ପର୍କରେ ଭୁଲ୍ ବୁଝାମଣା ସୃଷ୍ଟି କରିଥାଏ ବୋଲି ବିଶ୍ୱାସ କରାଯାଏ।

# ପାଠକୀୟ

✻ ବୀର ଶହୀଦଙ୍କ ବଳିଦାନକୁ ସମସ୍ତେ ମନେ ପକାଇ ଗର୍ବ କରନ୍ତି। ତେବେ ସେହି ଶହୀଦଙ୍କ ଅବର୍ତ୍ତମାନରେ କେମିତି ରହିଥାଏ ତାଙ୍କ ପରିବାର। ଏଭଳି ଏକ ହୃଦୟସ୍ପର୍ଶୀ ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଶହୀଦଙ୍କ ପରିବାର' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା। 'ବେଲଗଛ ଲଗାଇଲେ ମିଳେ ଏହି ଆଶୀର୍ବାଦ', 'ତ୍ରିରଙ୍ଗାର ତିନି ରଙ୍ଗ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ମମତା ମହାନ୍ତି, ଆଳି, କେନ୍ଦ୍ରାପଡ଼ା*

✻ ଦେଶକୁ ସୁରକ୍ଷା ଦେବାର ସୁଯୋଗ ସମସ୍ତଙ୍କୁ ମିଳି ନଥାଏ। ହେଲେ ଯେଉଁ ବୀର ଯବାନମାନଙ୍କୁ ଏହି ସୁଯୋଗ ମିଳିଥାଏ। ସେମାନଙ୍କ ସାହାସ, ବୀରତ୍ୱ ଓ ତ୍ୟାଗ ସବୁବେଳେ ସବୁ ସମୟରେ ପ୍ରେରଣା ହୋଇ ରହିଥାଏ। ଆଉ ସେମାନେ ଶହୀଦ ହେବା ପରେ କେମିତି ରହିଥାଏ ତାଙ୍କ ପରିବାର। ଏଭଳି ଏକ ମହତ୍ ଚିନ୍ତାଧାରାକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଶହୀଦଙ୍କ ପରିବାର'ଟି ସତରେ ଏକ ନିଆରା ଆଲେଖ୍ୟ ଥିଲା।

*– ରାକେଶ ମିଶ୍ର, ସମ୍ବଲପୁର*

✻ ସେଲିବ୍ରିଟି ସିକ୍ରେଟ ପାଠରୁ ଅଭିନେତ୍ରୀ ପୁନମ୍ ମିଶ୍ରଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ଶୀତଲ ବେଶ୍ ସୁନ୍ଦରୀ ଲାଗୁଥିଲେ। ସହରଠୁ ଦୂର ପୃଷ୍ଠାରୁ ସ୍ୱାଧୀନତା ଦିବସରେ କେଉଁ କେଉଁ ସ୍ଥାନ ବୁଲିହେବ ସେ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ଧନଞ୍ଜୟ କର, ସୁନ୍ଦରଗଡ଼*

✻ ବିବିଧା ପୃଷ୍ଠାରେ ସ୍ଥାନିତ 'ସେଠ୍ ରାମଦାସଜୀଙ୍କ ବଳିଦାନ' ଶୀର୍ଷକ ଆଲେଖ୍ୟଟି ବେଶ୍ ଶିକ୍ଷଣୀୟ ଥିଲା। 'ହୀରାରେ ଲିପ୍ ଆର୍ଟ' ଶୀର୍ଷକ ପାଠଟି ବି ବେଶ୍ ଆଶ୍ଚର୍ଯ୍ୟକର ହୋଇଥିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ହାତସୁଖ' ଶୀର୍ଷକ ପାଠଟି ବି ଶିକ୍ଷଣୀୟ ହେବା ସହ ମନଛୁଆଁ ଲାଗୁଥିଲା।

*– ରାଜେଶ ସାହୁ, ଭବାନୀପାଟଣା*

✻ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଆମ୍‌ଲେଟ୍‌ର ଦାମ୍ ଏତେ', 'ପୁସ୍ତକ ଗାଁ', 'ତାଳ ଗଛ ଚଢା ପ୍ରତିଯୋଗିତା' ଆଦି ପାଠଗୁଡ଼ିକ ଯେମିତି ଆଶ୍ଚର୍ଯ୍ୟକର ଥିଲା ସେମିତି ମଜାଦାର୍ ବି ଲାଗୁଥିଲା। ସିନେମା ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଥିଲା। ଖାସ୍‌କରି 'ତାରାଙ୍କ ନୀରବତା' ଶୀର୍ଷକ ପାଠଟି ମନଛୁଆଁ ହୋଇଥିଲା।

*– ମୀନାକ୍ଷୀ ପଟ୍ଟନାୟକ, ଯାଜପୁର*



## ବିଶେଷ ଚିଠି

ଶହୀଦଙ୍କ ପରିବାର ଶୀର୍ଷକକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଦେଉଥିଲା ନୂଆ ନୂଆ ବାର୍ତ୍ତା
ମନେ ଭରି ଅପୂର୍ବ ଆନନ୍ଦ।
ବିବିଧା, ବ୍ୟାକ୍‌ପେଜ୍ ପୃଷ୍ଠା ବି
ଲାଗୁଥିଲା ଚମତ୍କାର,
ମନ କିଣି ନେଉଥିଲା ପୁଣି
ତୁମ ସହରଠୁ ଦୂର।
ହେ ପ୍ରିୟ ଛୁଟିଦିନ
ଏମିତି ଆସୁଥାଅ ପ୍ରତି ରବିବାର ଦିନ।

*– ରାକେଶ ମହାନ୍ତି, ପେଣ୍ଟକଣ୍ଠା, ପୁରୀ*


ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com







ପ୍ରବୀଣା ମହାନ୍ତି



# କଥା ସେପାଖର ଜୀବନ

**ଏମାନେ କଥାକାର। କାହାଣୀ ତିଆରି କରନ୍ତି, ପାଠକଙ୍କୁ ବାନ୍ଧି ରଖନ୍ତି କଲମର ଶକ୍ତିରେ । କିନ୍ତୁ ଏହାବାଦ୍ ବି ନିରିଖେଇ ଦେଖିଲେ ଲାଗିବ ସେମାନଙ୍କର ଅଛି ଆଉ କିଛି ରୁଚି, ଯାହା ସେମାନଙ୍କୁ ଦିଏ ଆଉ ଏକ ପରିଚୟ...**

**ସେ**ମାନେ ଚରିତ୍ର ଗଢ଼ନ୍ତି ଶବ୍ଦରେ ଅନୁଭବକୁ ଖଞ୍ଜନ୍ତି ଗଳ୍ପରେ, ସ୍ତମ୍ଭରେ, ପ୍ରବନ୍ଧରେ, ଉପନ୍ୟାସରେ। ନିଜର ଏହି କଥକସ୍ୱରୂପକୁ ସ୍ପଷ୍ଟ ପ୍ରତିଭାତ କରିଛନ୍ତି କଥା ଜଗତରେ । ମୋଟ ଉପରେ ସେମାନେ କାହାଣୀ ତିଆରି କରନ୍ତି, ପାଠକଙ୍କୁ ବାନ୍ଧି ରଖନ୍ତି କଥା ଲେଖୁଥିବା କଲମର ଶକ୍ତିରେ । କିଏ କର୍ମଜୀବୀ ତ କିଏ କେବଳ ଘର ସମ୍ଭାଳୁଥିବା ପକ୍କା ଘରୋଇ ମଣିଷ କିନ୍ତୁ ହାତକୁ କଲମ ଆସିଗଲେ ସେମାନେ ସବୁକିଛିକୁ ବଦଳେଇ ଦେଇପାରନ୍ତି କଳ୍ପନାରେ, ସେମାନଙ୍କ ଲିଖନ ଶୈଳୀରେ । ପାରମ୍ପରିକ ମୂଲ୍ୟବୋଧ ଭିତରେ ଥାଇ ସେମାନେ ସଂସ୍କାରର କଥା କୁହନ୍ତି । ଦୁଃଖ ,ସୁଖ, ପ୍ରେମ ଓ ବିଶ୍ୱାସକୁ ନେଇ ଚିତ୍ରିତ କାହାଣୀ ସେମାନଙ୍କ ଗଢି ହେଉଥାଏ ଅବିରତ । ଚରିତ୍ର ଚିତ୍ରଣ, ବର୍ଣ୍ଣନା ଶୈଳୀ, ଉପସ୍ଥାପନାର କଳା କୌଶଳ ସମସ୍ତଙ୍କର ଭିନ୍ନ, ଭିନ୍ନ ଯେମିତି ଜଣେ ଅନ୍ୟଜଣଙ୍କଠାରୁ ବୟସରେ, ବୃତ୍ତିରେ, ରୁଚିରେ, ଆଚରଣ ଓ ଉଚ୍ଚାରଣରେ । ଯେମିତିକି ପ୍ରସିଦ୍ଧ କଥାଶିଳ୍ପୀ ଡକ୍ଟର ପ୍ରବୀଣା ମହାନ୍ତି ରୁଚି ରଖନ୍ତି ଫଟୋଗ୍ରାଫୀରେ, ସଫଳ ଅନୁବାଦିକା, କଥାକାର ନନ୍ଦିତା ମହାନ୍ତି ରୁଚି ରଖନ୍ତି ଗୃହସଜ୍ଜା ଓ ବଗିଚା କାମରେ, ଘରୋଇ ଜଞ୍ଜାଳ ଭିତରେ ନିଜ ଭିତରର ଗାଳ୍ପିକା ସତ୍ତାଟିକୁ ବଞ୍ଚେଇ ରଖିଥିବା ମିନାକ୍ଷୀ ପଣ୍ଡା ହାତ ବ୍ୟାଗ ତିଆରି କରିବାରେ, ଯୁବପିଢ଼ିର ସୁଦକ୍ଷ କଥକ କ୍ଷୀରୋଦ ବିହାରୀ ବିଶ୍ୱାଳ ନାଟକରେ ଅଭିନୟ ଓ ନିର୍ଦ୍ଦେଶନାରେ, ସେମିତି କଥାରେ କଥାରେ ସଚେତନତାର ବାର୍ତ୍ତା ଦେଉଥିବା ଡାକ୍ତର ଇପ୍ସିତା ପ୍ରଧାନଙ୍କ ସଉକ ବୃକ୍ଷରୋପଣ ଓ ଚିତ୍ରକଳା । ନିରିଖେଇ ଟିକେ ଦେଖିଲେ ଲାଗିବ ସମସ୍ତେ ନିଜ ନିଜ ସ୍ୱତନ୍ତ୍ର ରୁଚିକୁ ନେଇ ତିଆରି କରିପାରିବେ ଆଉ ଏକ ପରିଚୟ।

**ପ୍ରବୀଣାଙ୍କ ଫଟୋଗ୍ରାଫି :** ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଦୀର୍ଘ ଚଉତିରିଶ ବର୍ଷ ଅଧ୍ୟାପନା କରିବା ପରେ ଅବସର ଗ୍ରହଣ କରିଥିବା ଆଦର୍ଶ ଶିକ୍ଷୟିତ୍ରୀ **ପ୍ରବୀଣା ମହାନ୍ତି** ଜଣେ ଲୋକପ୍ରିୟ କଥାକାର । ସ୍ୱାତୀ, ନୀଡ଼, ଏବେ ବି ସୁନ୍ଦର ଧରା, ଶ୍ୟାମଳ ସୁଗନ୍ଧ, ସ୍ତିମିତ ନକ୍ଷତ୍ର, ଶ୍ରେୟସୀ, ପୁନଶ୍ଚ ମୌସୁମୀ, ବିମ୍ବିତ ଅନୁରାଗ, ଅନ୍ୟା ଅନନ୍ୟା, ଜହ୍ନର ଠିକଣା, ଇତି ତୋର ଆତ୍ମଜା, ଦୁଃଖ ପାସୋରା ଝିଅ, ରାଗିଲେ ମୁଁ ତାରା ହୋଇଯିବି ଇତ୍ୟାଦି ଗଳ୍ପ, ଉପନ୍ୟାସ ରଚୟିତା ପ୍ରବୀଣାଙ୍କ କ୍ଷୁଦ୍ର ନାଟକ ସଙ୍କଳନ ରତ୍ନବର୍ଷା ଓ ଅନ୍ୟାନ୍ୟ ନାଟକ ଏବଂ ଫିଚର୍ ସଂକଳନ ପରିବେଶ ଓ ଶିଶୁର ବିକାଶ ପୁସ୍ତକ ପାଇଁ ଅଜସ୍ର ପାଠକୀୟ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିସାରିଛନ୍ତି । ଦୀର୍ଘ ପାଞ୍ଚ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ସାହିତ୍ୟ କ୍ଷେତ୍ରରେ କାମ କରି ଆସୁଥିବା ଏହି ଲେଖିକାଙ୍କୁ ତାଙ୍କର ସାରସ୍ୱତ ସୃଷ୍ଟି ପାଇଁ ମିଳିଛି ଢେର ମାନସମ୍ମାନ ।

ତେବେ ପ୍ରବୀଣାଙ୍କ ସାମର୍ଥ୍ୟ ତାଙ୍କର ଆଧ୍ୟାତ୍ମିକ ଅନ୍ୱେଷା । ଫୁଲରୁ, ପତ୍ରରୁ, ଆକାଶରୁ, ମାଟିରୁ, ପାଣିରୁ, ପଶୁପକ୍ଷୀଙ୍କ ନିରୀହତାରୁ ଖୋଜି ଦେଖନ୍ତି ଜୀବନ ।

ଏମିତି କୁହାଯାଇପାରେ ଈଶ୍ୱରଙ୍କୁ ପ୍ରତ୍ୟକ୍ଷ କରନ୍ତି ସେ ସେହି ସବୁ ଦୃଶ୍ୟରାଜିରେ । ପ୍ରତ୍ୟୁଷ ହେଉ କି ଅପରାହ୍ଣ , ଗୋଧୂଳି ଅଥବା ଜହ୍ନ ରାତି ତାଙ୍କୁ ଭେଟିଦିଏ ଅଜସ୍ର ଚିତ୍ର । ବିଭୋର ପ୍ରବୀଣାଙ୍କ ଆଖିର କ୍ୟାମେରାରୁ ଡେଇଁ ବାନ୍ଧି ହୋଇଯାଏ ଚିତ୍ର ସବୁ ମୋବାଇଲ ଗ୍ୟାଲେରୀରେ । ନୈସର୍ଗିକ ଆନନ୍ଦଙ୍କୁ ଖୁସି ଖୁସି ବାଣ୍ଟନ୍ତି ସେ ନିଜ ବନ୍ଧୁ ପରିଜନଙ୍କୁ ଶୁଭେଚ୍ଛା ବାର୍ତ୍ତା ମାଧ୍ୟମରେ । ସାଧାରଣ ଲାଗୁଥିବା ଜୀବନର ଦୃଶ୍ୟ ଖୁବ୍ ଅସାଧାରଣ ଲାଗୁଥାଏ ସେ ଉଠେଇଥିବା ଫଟୋମାନଙ୍କରେ । ପଚାରିଲେ କୁହନ୍ତି , ଭଲ ଲାଗେ ସେହି ସବୁ ଜୀବନ । ମୋତେ ଲାଗେ ସେମାନେ ମୋତେ ଡାକନ୍ତି ଏବଂ ଆପଣାଛାଏଁ ବାନ୍ଧି ହୋଇଯାଆନ୍ତି ମୋ ଆଖିର ଫଟୋ ଫ୍ରେମ୍‌ରେ ।

**ଘର ସଜ୍ଜା ଓ ବଗିଚା କାମ ଦିଏ ଆତ୍ମସନ୍ତୋଷ:** ଅନୁବାଦ ସାହିତ୍ୟର ଅନ୍ୟତମ ସୁଦକ୍ଷ ବିନ୍ଧାଣୀ **ନନ୍ଦିତା ମହାନ୍ତି** ମୌଳିକ ରଚନାରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ଧାରା ତିଆରି କରିଛନ୍ତି । ଡାକସେବା ବିଭାଗରେ କାର୍ଯ୍ୟରତ ନନ୍ଦିତାଙ୍କର ସ୍ପଷ୍ଟ, ସରଳ ଏବଂ ସାବଲୀଳ ଶୈଳୀ ପାଠକଙ୍କ ମନକୁ ବେଶ୍ ଛୁଇଁଯାଏ । ସ୍ୱପ୍ନଠୁ ଦୂରରେ , ସୂର୍ଯ୍ୟୋଦୟର ରଙ୍ଗ , ରାସ୍ତାକଡର ଝିଅ , ସମଷ୍ଟି , ନନ୍ଦିତା ମହାନ୍ତି କି ଶ୍ରେଷ୍ଠ କହାନୀୟାଁ , ଚିତ୍ରା ନକ୍ଷତ୍ରରେ ବର୍ଷା , କଥା କିମ୍ବଦନ୍ତୀ , ଖେଳ ଭଳି ମୌଳିକ ଓ ଅନୁବାଦ ପୁସ୍ତକମାନ ପାଠକଙ୍କୁ ଭେଟି ଦେଇଥିବା ନନ୍ଦିତାଙ୍କ ଚମତ୍କାର ଘରକରଣା ଦେଖିଲେ ଯେକେହି ବିସ୍ମିତ ହେବ ହିଁ ହେବ । ଅପୂର୍ବ ସାଜସଜ୍ଜା ତାଙ୍କ ଘରର ଭିତର ଆଉ ବାହାର । ଶିଳ୍ପୀର ନିଖୁଣ ହାତ ସ୍ପର୍ଶ ଯେମିତି ସର୍ବତ୍ର ।' ଭାରତୀୟ ଡାକ ସେବା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାମ କରିବା ସଙ୍ଗେ ସଙ୍ଗେ ରୋଷେଇ, ଘରସଜ୍ଜା, ବଗିଚା କାମ ଓ ଲେଖାଲେଖିରେ ନିଜକୁ ସୁନ୍ଦର ଭାବରେ କେମିତି ବାଣ୍ଟିପାରନ୍ତି'ର ଉତ୍ତରରେ ସେ କୁହନ୍ତି , 'ନିଜ ଦୁଃଖ,କଷ୍ଟ ଯନ୍ତ୍ରଣା ଭୁଲିବାର ସୁନ୍ଦର ମାଧ୍ୟମ ହେଉଛି ମୋ ପାଇଁ ଘର ସଜାଇବା ଯାହା ମୋତେ ନୂତନତା ଦିଏ । ମୋତେ ଆଗକୁ ବଢ଼ିବାକୁ ସାହାଯ୍ୟ କରେ ଓ ଆତ୍ମସନ୍ତୋଷ ମିଳେ । ଶଗଡଗୁଳାରେ ଚାଲୁଥିବା ଜୀବନ ଯେମିତି ମୋ ପାଇଁ ଆକର୍ଷଣୀୟ ହୋଇଉଠେ ଘର ସଜାଉଥିଲାବେଳେ ।' କିଛି ବି ଚିଜ ଅଦରକାରୀ ନୁହେଁ ତାଙ୍କ ପାଇଁ । ପୁରୁଣା ଡବା, କପ୍ ପ୍ଲେଟ, ଭାଙ୍ଗି ଯାଇଥିବା ଚୌକି, ଗଛ, ପ୍ଲାଷ୍ଟିକ ବୋତଲ କି ମୂର୍ତ୍ତି ଅଥବା ଖେଳଣା ଫୋପଡ଼ା ହୁଏନା ବରଂ ନନ୍ଦିତାଙ୍କ ଶିଳ୍ପୀ ଦୃଷ୍ଟି ସେସବୁକୁ ରଙ୍ଗ ଦେଇ ଯୋଡ଼ାଯୋଡି କରି ଅନ୍ୟ ରୂପରେ ସଜେଇ ଦିଏ । ଅତ୍ୟନ୍ତ ପରିଚ୍ଛନ୍ନ ଏବଂ ସକାରାତ୍ମକ ଭାବ ଉଦ୍ରେକ କରୁଥିବା ନନ୍ଦିତାଙ୍କ ଘର ବିଭିନ୍ନ କିସମର ଫୁଲଗଛ ଓ ସଜ୍ଜିକରଣ ଉପାଦାନରେ ବ୍ୟବସ୍ଥିତ । ସେ କୁହନ୍ତି , 'ଘର ସଜେଇବାରେ ଏକ ଅଦ୍ଭୁତ ସ୍ଫୁର୍ତ୍ତି ମୁଁ ଅନୁଭବ କରିଥାଏ ଯାହା ମୋତେ ଯେକୌଣସି କାମ ପାଇଁ ପ୍ରୋତ୍ସାହିତ କରେ ।'






ନନ୍ଦିତା ମହାନ୍ତି







ମୀନାକ୍ଷୀ ପଣ୍ଡା







ଡା. ଇପ୍ସିତା ପ୍ରଧାନ

**ଚିତ୍ର, ପରିବେଶ ଓ ସଚେତନତାରେ ଇପ୍ସିତା:** ଜଣେ ଡାକ୍ତର, ସ୍ୱାସ୍ଥ୍ୟ ସଚେତକ, ସ୍ତମ୍ଭକାର ହିସାବରେ **ଡା. ଇପ୍ସିତା ପ୍ରଧାନ** ଯୁବପିଢ଼ିରେ ବେଶ ଜଣାଶୁଣା । ରାଜନୀତି ହେଉ କି ଶିକ୍ଷା ଅଥବା ଅର୍ଥନୀତି ଯେକୌଣସି ପ୍ରସଙ୍ଗରେ ତାଙ୍କ ବିଚାରସିଦ୍ଧ ବିଶ୍ଳେଷଣ ବୁଦ୍ଧିଜୀବୀମାନଙ୍କୁ ସ୍ପର୍ଶ କରେ । ଡାକ୍ତରୀ ସେବା ସହ ତାଙ୍କର ସଚେତନଧର୍ମୀ ଲେଖାଗୁଡିକ ପ୍ରଭାବ ଉଦ୍ରେକକାରୀ । ଯେତିକି ପଢିବ ସେତିକି ଜାଣିବ ଦୁନିଆଁକୁ ବୋଲି କୁହନ୍ତି ଏବଂ ସେହି ଅନୁଯାୟୀ କାମ କରୁଥାନ୍ତି ସେ । ସମାଜ ଲୋଡୁଥିବା କାମକୁ କେତେ ଅର୍ଥପୂର୍ଣ୍ଣ ଓ ସୁସଂହତ କରିହେବ ଯାହାଦ୍ୱାରାକି ସମାଜରେ ବସବାସ କରୁଥିବା ପ୍ରତିଟି ମଣିଷ ସୁସ୍ଥ ଓ ସାର୍ଥକ ଜୀବନଟେ ଜିଇଁପାରିବ ସେହି ଭାବନାରେ ଥାଆନ୍ତି ଇପ୍ସିତା । ପ୍ରାୟତଃ ଲେଖା ତାଙ୍କର ମଣିଷର ମୌଳିକ ଆବଶ୍ୟକତା ଯେମିତିକି ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ସୁରକ୍ଷା ସମ୍ପର୍କରେ ହିଁ ଥାଏ । ଲେଖାଗୁଡିକ ଅନୁଭୂତିସମ୍ପନ୍ନ ହୋଇଥାଏ ତେଣୁ ସୋସିଆଲ ମିଡିଆରେ ସାଧାରଣ ପାଠକଙ୍କ ମନକୁ ବେଶ୍ ଛୁଇଁଥାଏ । ଆନୁଷ୍ଠାନିକ ଭାବରେ ଡାକ୍ତରର ଦାୟିତ୍ୱ ନିର୍ବାହ ଓ ଲେଖାଲେଖିକୁ ବାଦ ଦେଲେ ଇପ୍ସିତା ବୃକ୍ଷରୋପଣ ଓ ଚିତ୍ରାଙ୍କନରେ ରୁଚି ରଖନ୍ତି। ଘରେ , ବାହାରେ ଏପରିକି ଜଙ୍ଗଲରେ ବୃକ୍ଷ ସଂଖ୍ୟାର ଅଭିବୃଦ୍ଧି ପାଇଁ ନିଜେ ଚେଷ୍ଟାରେ ରହିବା ସହ ଅନ୍ୟମାନଙ୍କୁ ଉପଯୁକ୍ତ ତଥ୍ୟ ଓ ଉପାଦାନ ସହ ପ୍ରେରିତ କରୁଥାନ୍ତି । ବିଦ୍ୟାଳୟରେ ପଢୁଥିଲାବେଳେ ଜାତୀୟ ସ୍ତରରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜେତା ଇପ୍ସିତା ସବୁପ୍ରକାର ଚିତ୍ରରେ ରୁଚି ରଖନ୍ତି । ତାଙ୍କ ପାଇଁ ଚିତ୍ରକଳା ଏକ ଧ୍ୟାନ ଭଳି କାର୍ଯ୍ୟ ଯାହା ଦ୍ୱାରା ମାନସିକ ସ୍ଥିରତା ବଜାୟ ରହିବା ସହ ମନରେ ଗଭୀର ପ୍ରଶାନ୍ତି ଭରିଯାଏ । ଗତାନୁଗତିକ ଜୀବନଚର୍ଯ୍ୟା , ମାନସିକ ଅବସାଦରୁ ମୁକ୍ତି ପାଇବାକୁ ହେଲେ ମୋଟା ଅଙ୍କର ଦେୟ ଦେଇ ମୋଟିଭେସନାଲ କ୍ଲାସ କରିବା ପରିବର୍ତ୍ତେ ଜଣେ ଗୃହ ସଜ୍ଜା ଉପକରଣ ପ୍ରସ୍ତୁତି ଅଥବା ଚିତ୍ରାଙ୍କନ ଭଳି କାର୍ଯ୍ୟ କରିବା ଦରକାର ଯାହା ଉଭୟ ଶାରୀରିକ ଓ ମାନସିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥାଏ ବୋଲି ସେ ମତବ୍ୟକ୍ତ କରନ୍ତି । ଇପ୍ସିତାଙ୍କ ପେନ୍ସିଲ ସ୍କେଚ୍ ଯେତିକି ଆଖିଦୃଶିଆ ସେତିକି ଲୋଭନୀୟ ତାଙ୍କର ଆବଷ୍ଟ୍ରାକ୍ଟ ପେଣ୍ଟିଂ ଆଉ ପଟ୍ଟଚିତ୍ର ଭଳି ପାରମ୍ପରିକ ଚିତ୍ର ।

**ନାଟକ ପ୍ରେମରେ କ୍ଷୀରୋଦ:** ମୁକ୍ତିପଥ , ଅଇଁଠା ପତ୍ର , ମହୀଖୁଣ୍ଟର ଛାଇ, ଦୁଇମୁଠା ଅନ୍ଧାର , କଳା ତାଜମହଲ (ଉପନ୍ୟାସ ) ଭଳି ପୁସ୍ତକମାନ ଓଡ଼ିଆ ସାହିତ୍ୟକୁ ଭେଟି ଦେଇ ଖୁବ୍ ପାଠକୀୟ ଶ୍ରଦ୍ଧା ପାଇଥିବା ଯୁବ କଥାକାର **କ୍ଷୀରୋଦ ବିହାରୀ ବିଶ୍ୱାଳ**ଙ୍କ ସମ୍ମାନ ଓ ସମ୍ବର୍ଦ୍ଧନାର ତାଲିକା ବି ଖୁବ୍ ଦୀର୍ଘ । ନିରନ୍ତର ଗପ ଲେଖିବା, ବେଳେ ବେଳେ କବିତା ଲେଖିବା ଏବଂ ଭଲ ଲାଗୁଥିବା କବିତାକୁ ଆବୃତ୍ତି କରୁଥିବା କ୍ଷୀରୋଦ 'ଗଦ୍ୟାଂଶ 'ନାମକ ଏକ ସଫଳ ମିନି ଗଳ୍ପ ପତ୍ରିକାର ସମ୍ପାଦନା ମଧ୍ୟ କରନ୍ତି । ଏକ ଦାୟିତ୍ୱସମ୍ପନ୍ନ ସରକାରୀ କର୍ମଚାରୀ କ୍ଷୀରୋଦ ଲେଖାଲେଖିରେ ଯେଭଳି ପାରଙ୍ଗମତା ଦେଖେଇଛନ୍ତି ସେଭଳି ବିଚକ୍ଷଣତା ଦେଖେଇଛନ୍ତି ଅଭିନୟ, ନାଟ୍ୟରଚନା ଓ ନାଟ୍ୟ ନିର୍ଦ୍ଦେଶନାରେ । ତିରିଶରୁ ଉର୍ଦ୍ଧ ନାଟକରେ, ସତୁରୀରୁ ଉର୍ଦ୍ଧ୍ୱ ମଂଚରେ ଅଭିନୟ କରିଥିବା କ୍ଷୀରୋଦଙ୍କ ଅଭିନୟ ପଟୁତାକୁ ଯେକେହି ନାଟକପ୍ରେମୀ ପ୍ରଶଂସା କରିବ ହିଁ କରିବ । ଶ୍ରୀକୃଷ୍ଣଙ୍କ ହସ ଓ ପାଦୁକା ଭଳି ନାଟକ ରଚନା କରି ସେ ଜିତିପାରିଛନ୍ତି ନାଟ୍ୟପ୍ରେମୀଙ୍କ ହୃଦୟ । ବାଲ୍ୟକାଳରୁ ମଞ୍ଚ ପ୍ରତି , ନାଟକ ପ୍ରତି ଗଭୀର ପ୍ରେମ ରଖିଥିବା କ୍ଷୀରୋଦ କୁହନ୍ତି , 'ଇତିହାସ କେବଳ ରାଜା ମାନଙ୍କର କଥା କହେ। ସାହିତ୍ୟ ଓ ନାଟକ ହିଁ ସାଧାରଣ ମଣିଷର କଥା ସାମ୍ନାକୁ ଆଣେ ଓ ଚିରକାଳ ବଞ୍ଚେଇ ରଖେ। ଏଥିପାଇଁ ସମୟ ବାହାର କରିବାକୁ ହୁଏ ନାହିଁ, ଯେଉଁ କାମରେ ରୁଚି ଥାଏ ଆଗ୍ରହ ଥାଏ ସେଥିପାଇଁ ସମୟ ଆପେ ଆପେ ବାହାରିଯାଏ। ଦିନରେ କାର୍ଯ୍ୟାଳୟ ସନ୍ଧ୍ୟାରେ ଆଖଡ଼ା ଘର । ଓଡ଼ିଶା ବାହାରେ ନାଟକ ଥିଲେ ଛୁଟି ନେବାକୁ ହୁଏ। ଅଭିନୟ ଓ ଗଳ୍ପ ଲିଖନକୁ ମୁଁ ଅଲଗା କଳା ବୋଲି ଚିନ୍ତା କରେ ନାହିଁ। ମଞ୍ଚରେ ଅଭିନୟ କରିବା ସମୟରେ ମୁଁ କେବଳ ଗୋଟିଏ ଚରିତ୍ର ଭିତରେ ଥାଏ କିନ୍ତୁ ଗଳ୍ପଟିଏ ଲେଖିବା ସମୟରେ ଲେଖକକୁ ଅନେକ ଚରିତ୍ର ଭିତରେ ନିଜକୁ ରଖିବାକୁ ହୁଏ। ଉଭୟ କଳାରେ ଚରିତ୍ର ପ୍ରବେଶ ନକରିପାରିଲେ ଦର୍ଶକ/ପାଠକଙ୍କୁ ଆକର୍ଷୀ ହେବ ନାହିଁ।

**ମୀନାକ୍ଷୀଙ୍କ ରୁଚି କାରିଗରିରେ:** ଯୌଥ ପରିବାରର ବ୍ୟସ୍ତବହୁଳ ଗୃହିଣୀ ଜୀବନ ଭିତରେ **ମୀନାକ୍ଷୀ ପଣ୍ଡା** ଘରୋଇ ଦାୟିତ୍ୱ ନିର୍ବାହ କରିବାରେ ଯେମିତି ସିଦ୍ଧହସ୍ତା ସେମିତି ବି ନିଜ ଭିତରେ ଥିବା ସର୍ଜକ ସତ୍ତାଟିକୁ ଜିଆଇଁ ରଖିବାରେ । ତାଙ୍କ ପାଇଁ ଗୃହକାର୍ଯ୍ୟ ବଡ଼ ହୁଏ ସତ କିନ୍ତୁ ଜୀବନକୁ ନେଇ ପଢ଼ାକୁ ବ୍ୟାପକ କରୁଥାନ୍ତି ସେ । ତହିଁରୁ ଉତ୍ତୁରୁଥିବା ତାଙ୍କ ଗଳ୍ପଗୁଡ଼ିକ ପାଠକଙ୍କ ମନକୁ ଛୁଏଁ । ନିଜର ବୋଲି ଗୋଟିଏ ବି ଗଳ୍ପ ସଂକଳନ କରି ନ ଥିବା ମୀନାକ୍ଷୀ ପଣ୍ଡାଙ୍କ ଅନେକ ଗଳ୍ପ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇ ପାଠକାଦୃତ ହୋଇପାରିଛି । କର୍ତ୍ତବ୍ୟ, ଦାୟିତ୍ୱର ଓଜନିଆ ଚାବିମାଳକୁ ଅଣ୍ଟାରେ ଖୋସି କାମ କରିବା ଭିତରେ ନିଜ ରୁଚିକୁ ଜାବୁଡ଼ି ଧରିଥିବା ମୀନାକ୍ଷୀ ସମୟ ପାଇଲେ ଅନୁଭବକୁ ଶବ୍ଦରେ ସଜାନ୍ତି ଯେମିତି, ସେମିତି ଟିକେ ସମୟ ପାଇଲେ ସିଲେଇ ମେସିନ ପାଖରେ ବସିପଡ଼ି ନୂଆ ଜିନିଷଟିଏ ତିଆରି କରିବାର ଆଗ୍ରହ ରଖନ୍ତି । ଚମଡ଼ା , କପଡା , ଫୋମ , ସ୍ପଞ୍ଜିକୁ କାଟିକୁଟି, ଯୋଡ଼ିଯାଡ଼ି ଛୋଟ ଛୋଟ ପର୍ସ ତିଆରିକରି ଅନ୍ୟମାନଙ୍କୁ ସେମାନଙ୍କ ବିଶେଷଦିନମାନଙ୍କରେ ଉପହାର ଦେବା ଭିତରେ ପ୍ରଶଂସା ଓ ଉତ୍ସାହ ସାଉଁଟନ୍ତି । ଜଞ୍ଜାଳ ଭିତରେ ନିଷ୍ପତ୍ତିଟିଏ ଠିଆ କରିଛନ୍ତି , "କିଛି ତ କରିବି,ସେଇଟା ବି ଟିକେ ଅଲଗା, ଭିଡ଼ ଭିତରେ ବାରି ହୋଇପଡୁଥିବ ।" ବ୍ୟାଗ ଉପରେ ତାଙ୍କ ହସ୍ତାଙ୍କିତ ଚିତ୍ର ( ଓଡ଼ିଶା ସମେତ ଅନ୍ୟ ରାଜ୍ୟର ପ୍ରାଚୀନ ଚିତ୍ର) ଲୋକଙ୍କ ପସନ୍ଦ ହେଉଛି । ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ତାଙ୍କ ବ୍ୟାଗର ଚାହିଦା ବଢ଼ିବା ଦେଖି ମୀନାକ୍ଷୀ ଆଶା ପ୍ରକଟ କରିଛନ୍ତି ଯେ ତାଙ୍କ ବ୍ୟାଗ ତାଙ୍କ ପାଇଁ , ତାଙ୍କ ମାଟି ପାଇଁ ତାଙ୍କୁ ପ୍ରସିଦ୍ଧି ଦେବ ।

**–ମାନମୟୀ ରଥ**

*ସେଣ୍ଟ ଜାଭିୟର୍ସ କିତ୍ସ, ବାଲିପୁଟ, ପୁରୀ*
*ମୋ: ୭୯୭୮୫୭୯୩୯୯*





 କ୍ଷୀରୋଦ ବିହାରୀ ବିଶ୍ୱାଳ





ଦି ଡାଇମଣ୍ଡ ୱେଡ଼ିଂ ଗାଉନ



ନାଇଟେଙ୍ଗେଲ ଅଫ୍ କ୍ୱାଲାଲମ୍ପୁର



ୟୁମି କାତ୍ସୁରା ହ୍ୱାଇଟ୍ ଗୋଲ୍ଡ ଗାଉନ



ଭେରା ୱାଙ୍ଗ ଗାଉନ୍

# ଦାମୀ ଗାଉନ୍

**ବିବାହ ହେଉକି ପାର୍ଟି, ଗାଉନ୍ ଦିଏ ଗ୍ଲାମରସ୍ ଲୁକ୍ । ତେଣୁ ଆଜିକାଲି ଏହାର ଚାହିଦା ବହୁତ । ହେଲେ ଆମେ ଏଠି ଯେଉଁ ଗାଉନ୍‌ଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରିଛୁ ସେଗୁଡିକୁ ପିନ୍ଧିବାକୁ ଯଦିଓ ସମସ୍ତେ ଚାହିଁବେ, ହେଲେ ଏହାକୁ ପିନ୍ଧିବା ତ ଦୂରର କଥା ଏହାକୁ ସ୍ପର୍ଶ କରିବା ବି ସାତ ସପନ । କାରଣ ଏସବୁ ହେଉଛି ପୃଥିବୀର ସବୁଠାରୁ ଦାମୀ ଗାଉନ୍...**

**ନାଇଟେଙ୍ଗଲ ଅଫ୍ କ୍ୱାଲାଲମପୁର:** ଡିଜାଇନର୍ ଅବଦୁଲା ଫୈଜଲୀ ତିଆରି କରିଛନ୍ତି ଏହି ସୁନ୍ଦର ଲାଲ ରଙ୍ଗର ଗାଉନ୍‌କୁ, ଯାହାକି ପୃଥିବୀର ସବୁଠାରୁ ଦାମୀ ଗାଉନ୍ ଭାବେ ପରିଚିତ । ସିଲ୍କ, ସିଫନ୍, ଟାଫେଟା, ସାଟିନ୍ ଆଦି କପଡ଼ାରେ ଏହି ଗାଉନ୍‌ଟି ତିଆରି ହୋଇଛି । ମଝିରେ ଲାଗିଥିବା ୭୦ କ୍ୟାରେଟ୍‌ର ଟିୟରଡ୍ରପ୍ ଡାଇମଣ୍ଡ ହେଉଛି ଗାଉନ୍‌ର ମୁଖ୍ୟ ଆକର୍ଷଣ । ଏହାବାଦ୍ ଏଥିରେ ଖଚିତ ହୋଇଛି ସ୍ୱରୋଭସ୍କି କ୍ରିଷ୍ଟାଲ ଓ ୭୫୧ଟି ସତସତିକା ହୀରା । ଗାଉନ୍‌ର ମୂଲ୍ୟ ହେଉଛି ୩୦ ମିଲିୟନ ଡଲାର ।

**ରେଡ ଡାଇମଣ୍ଡ ଅବାୟା:** ବ୍ରିଟିଶ ଫ୍ୟାଶନ ଡିଜାଇନର୍ ଡେବି ୱିଙ୍ଗହାମ୍ ଡିଜାଇନ୍ କରିଛନ୍ତି ଏହି ସୁନ୍ଦର ଆଉଟ୍‌ଫିଟ୍‌କୁ । ଏଥିରେ ୧୦୦୦ଟି ବ୍ଲାକ୍ ଓ ହ୍ୱାଇଟ୍ ଡାଇମଣ୍ଡ ସହ ଅନେକ ରେଡ ଡାଇମଣ୍ଡ ଖଚିତ ହୋଇଛି । ୧୪ କ୍ୟାରେଟ୍‌ର ହ୍ୱାଇଟ୍ ଗୋଲ୍ଡ ସୂତାରେ ଏହା ଉପରେ ହାତରେ ସିଲେଇ କାମ କରାଯାଇଛି । ଏହାକୁ ତିଆରି କରିବା ପାଇଁ ୬ ମାସ ସମୟ ଲାଗିଥିଲା । ଆଉ ଏହି ଆଉଟ୍‌ଫିଟ୍‌ର ମୂଲ୍ୟ ହେଉଛି ୧୬ ମିଲିୟନ ଡଲାର ।

**ହାନି ଏଲ୍ ବିହେୟାରୀ ୱେଡ଼ିଂ ଗାଉନ୍:** ୧୫ ମିଲିୟନ ଡଲାରର ଏହି ଗାଉନ୍‌ରେ ଷ୍ଟାର ପାଟର୍ନର ଏକ ଓଢ଼ଣା ଓ ସୁନ୍ଦର କାରୁକାର୍ଯ୍ୟ ହୋଇଥିବା ତଳଭାଗ ରହିଛି । ଶହ ଶହ ହୀରା ଓ ଦାମୀ ଷ୍ଟୋନ ଖଚିତ ଏହି ଗାଉନ୍ ଲାଗେ ବେଶ୍ ଆକର୍ଷକ । ଇଜିପ୍ଟର ଫ୍ୟାଶନ ଡିଜାଇନର୍ ହାନି ଏଲ ବିହେୟାରୀ ଏହାକୁ ଡିଜାଇନ୍ କରିଛନ୍ତି । ଏହାକୁ ତିଆରି କରିବା ଲାଗି ତାଙ୍କୁ ୮୦୦ ଘଣ୍ଟା ସମୟ ଲାଗିଥିଲା ।

**ଦି ଡାଇମଣ୍ଡ ୱେଡ଼ିଂ ଗାଉନ୍:** ଜୁଏଲର୍ ମାର୍ଟିନ କାଜ୍ ଓ ଡିଜାଇନର୍ ରେନି ଷ୍ଟ୍ରସ୍‌ଙ୍କ ଦ୍ୱାରା ତିଆରି ଏହି ସୁନ୍ଦର ୱେଡ଼ିଂ ଗାଉନ୍‌କୁ ସବୁ ଝିଅ ଚାହିଁବେ ନିଜର ସ୍ପେଶାଲ ଡେ' ତଥା ବିବାହ ଅବସରରେ ପିନ୍ଧିବାକୁ । ଓପୁଲେଣ୍ଟ ସିଲ୍କରେ ତିଆରି ଉକ୍ତ ଗାଉନ୍‌ରେ ଲାଗିଛି ୧୫୦ କ୍ୟାରେଟ୍‌ର ହୀରା । ଯାହା ଗାଉନ୍‌କୁ କରାଏ ଆକର୍ଷକ । ଏହାକୁ ଏଭଳି ତିଆରି କରାଯାଇଛି ଯେ, କନିଆ ଗାଉନଟିକୁ ପିନ୍ଧି ଗଲାବେଳେ ହୀରାଗୁଡ଼ିକ ଲାଇଟ୍‌କୁ କ୍ୟାପଚର୍ କରି ଏତେ ଚମକ୍‌ଦାର ଓ ଆକର୍ଷକ ଦେଖାଯାଏ ଯେ ଆଖି ଝଲସି ଉଠିବ । ଏହାର ମୂଲ୍ୟ ୧୨ ମିଲିୟନ ଡଲାର ରହିଛି ।

**ୟୁମି କାତ୍ସୁରା ହ୍ୱାଇଟ୍ ଗୋଲ୍ଡ ଗାଉନ୍:** ଏହି ବ୍ରାଇଡାଲ ଗାଉନ୍‌କୁ ତିଆରି କରିଛନ୍ତି ଜାପାନର ବହୁ ପ୍ରସିଦ୍ଧ ଡିଜାଇନର୍ ୟୁମି କାତ୍ସୁରା । ସିଲ୍କ, ସାଟିନ୍ କପଡ଼ାରେ ପ୍ରସ୍ତୁତ ଏହି ଗାଉନ୍‌ରେ ଜରି ଏମ୍ବ୍ରୋଏଡେରି କାମ ହେବା ସହ ଏଥିରେ ୧୦୦୦ ମୋତି, ୮.୮ କ୍ୟାରେଟ୍‌ର ଏକ ସବୁଜ ହୀରା ଓ ୫ କ୍ୟାରେଟ୍‌ର ହ୍ୱାଇଟ୍ ଗୋଲ୍ଡ ଡାଇମଣ୍ଡ ଖଚିତ ହୋଇଛି । ଏହାର ମୂଲ୍ୟ ହେଉଛି ୮.୩ ମିଲିୟନ ଡଲାର ।

**ଭେରା ୱାଙ୍ଗ ଗାଉନ୍:** ହ୍ୱାଇଟ୍ ଲେସ୍ ଓ ରଫଲ୍‌କୁ ଭଲ ପାଉଥିବା ଡିଜାଇନର୍ ଭେରା ୱାଙ୍ଗ କିଛି ନୂଆ ଢଙ୍ଗରେ ଏହି ଗାଉନ୍‌କୁ ତିଆରି କରିବାକୁ ଚେଷ୍ଟା କରିଥିଲେ । ଶେଷରେ ସେ ସବୁ ୱେଡ଼ିଂ ଗାଉନ୍‌ଠାରୁ ଭିନ୍ନ ଓ ବେଶ୍ ଆକର୍ଷକ ଗାଉନ୍ ତିଆରି କଲେ । ଯେଉଁଥିରେ ସେ ଖଚିତ କଲେ ୨୦୦୦ରୁ ଊର୍ଦ୍ଧ୍ୱ ମୟୂର ପୁଚ୍ଛ । ଚାଇନା, ନାନଜିନ୍‌ସ୍ଥ ଏକ ୱେଡ଼ିଂ ଏକ୍ସପୋ ପାଇଁ ସେ ଏହାକୁ ତିଆରି କରିଥିଲେ । ୮ ଜଣ କାରିଗର ଲାଗିଥିଲେ ଏହି ଗାଉନ୍‌ରେ ମୟୂର ପୁଚ୍ଛ ସିଲେଇ କରିବା ପାଇଁ । ଏହି ଗାଉନ୍‌ର ମୂଲ୍ୟ ହେଉଛି ୨ ମିଲିୟନ ଡଲାର ।



ହାନିଏଲ୍ ବିହେୟାରୀ ୱେଡ଼ିଂ ଗାଉନ୍



ରେଡ ଡାଇମଣ୍ଡ ଅବାୟା

# ନାଟ୍ୟ ଜଗତର ଶ୍ରଦ୍ଧାଶୀଳ ଉଚ୍ଚାରଣ: ବିଭୂତି ଭୂଷଣ



**ବୟସ ଏବେ ୮୨ବର୍ଷ, ତଥାପି ସେ ନାଟକ ପାଇଁ ପାଗଳ। ଏଥିପାଇଁ ତାଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲେ ବି ସେ ହାରିଯାଇ ନାହାନ୍ତି। କଳା ଓ ସାହିତ୍ୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଥିବା ଏହି ନାଟ୍ୟପ୍ରିୟ ବ୍ୟକ୍ତି ହେଲେ ବିଭୂତି ଭୂଷଣ ପଟ୍ଟନାୟକ।**

ନାଟକ ପ୍ରେମରେ ବୁଡ଼ିରହି ଏକ ନିଆରା ଜୀବନ ଜିଇ ଆସିଥିବା ଜଣେ ଉତ୍ସର୍ଗୀକୃତ ଉଜ୍ଜ୍ୱଳ ପ୍ରତିଭା ସେ। ତାଙ୍କୁ ଏବେ ବୟସ ୮୨ବର୍ଷ, ତଥାପି ସେ ନାଟକ ପାଇଁ ପାଗଳ ଆଉ ଚଳଚଞ୍ଚଳ ମଧ୍ୟ। ନାଟକର ମାୟା ତାଙ୍କୁ ବହୁ ଝଡ଼ଝଞ୍ଜାର ସମ୍ମୁଖୀନ କରାଇଛି। ତଥାପି ସେ ହାରିଯାଇ ନାହାନ୍ତି। କଳା ଓ ସାହିତ୍ୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଥିବା ଏହି ନାଟ୍ୟପ୍ରିୟ ବ୍ୟକ୍ତି ହେଲେ **ବିଭୂତି ଭୂଷଣ ପଟ୍ଟନାୟକ**। ପୁରୀ ଜିଲା କଣାସ ବ୍ଲକ୍ ଅନ୍ତର୍ଗତ ବଡ଼ାସ ଗ୍ରାମପଞ୍ଚାୟତର ବୈଦ୍ୟନାଥପାଟଣାରେ ଜନ୍ମ ତାଙ୍କର। ପିଲାଟିଦିନରୁ ଥିଲା ତାଙ୍କର ନାଟକ ପ୍ରତି ଆକର୍ଷଣ। ଚତୁର୍ଥ ଶ୍ରେଣୀରେ ପଢ଼ିବାବେଳେ ବିଦ୍ୟାଳୟ ପକ୍ଷରୁ 'ନୀଳମାଧବ' ନାଟକରେ ତାଙ୍କୁ ମିଳିଥିଲା ବିଶ୍ୱାବସୁ ଭୂମିକା । ସେ ଏହି ଭୂମିକାରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ଆଉ କହିବାକୁ ଗଲେ ଏଇଠୁ ହିଁ ଆରମ୍ଭ ହୋଇଥିଲା ତାଙ୍କର ନାଟ୍ୟ ଜୀବନର ଯାତ୍ରା।

ଧୀରେ ଧୀରେ ଗାଁ ସହ ଅଞ୍ଚଳର ବିଭିନ୍ନ ରଙ୍ଗମଞ୍ଚରେ ଅଭିନୟ କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ୧୯୬୧ ମସିହାରେ ମହାଭାରତ କଥାବସ୍ତୁ ଆଧାରିତ ନାଟକ 'ଚକ୍ରୀ'ର ନିର୍ଦ୍ଦେଶନା ଦେଇଥିଲେ ; ଯାହା ତାଙ୍କୁ ବେଶ୍ ପ୍ରଶଂସା ଆଣି ଦେଇଥିଲା। ଆଉ ଏଇଠୁ ହିଁ ସେ ନିର୍ଦ୍ଦେଶନା କ୍ଷେତ୍ରରେ ଆଗକୁ ଯିବା ପାଇଁ ପ୍ରେରଣା ପାଇଥିଲେ। ହେଲେ ତାଙ୍କ ପାଇଁ ରାସ୍ତା ଏତେ ସହଜ ନଥିଲା। ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନଦୀ ନାଳଘେରା ରାସ୍ତାଘାଟ ନ ଥିବା ଗାଁଗୁଡ଼ିକୁ କେବେ ଚାଲିଚାଲି ତ କେବେ ସାଇକେଲ୍‌ରେ ଯାଇ ଅନେକ ନାଟକ ନିର୍ଦ୍ଦେଶନା ଦେଇ ପ୍ରଶଂସା ସାଉଁଟିଥିଲେ। ତାଙ୍କ ନିର୍ଦ୍ଦେଶିତ ନାଟକ ମଧ୍ୟରେ ଆସେ 'କୁଳଚନ୍ଦ୍ରମା', 'ବହ୍ନିକନ୍ୟା', 'ଭାଇ-ଭାଉଜ', 'ଅଭିଯାନ', 'କଚ-ଦେବଯାନୀ' ଓ 'ଶ୍ରୀକୃଷ୍ଣଲୀଳା' ଆଦି ଶତାଧିକ ନାଟକ। ଏହା ସେହି ସମୟର କଥା ଯେତେବେଳେ ଶିକ୍ଷକତା ଥିଲା ତାଙ୍କର ପେସା ଆଉ ନାଟକ ଥିଲା କେବଳ ନିଶା।

ତେବେ କେବଳ ନାଟକରେ ନିର୍ଦ୍ଦେଶନା ନୁହେଁ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେ ବେଶ୍ ପରିଚିତ। କବି ଓ ନାଟ୍ୟକାର ଭାବରେ ସେହି ଅଞ୍ଚଳରେ ତାଙ୍କର ରହିଛି ବେଶ୍ ନାଁ। ଯାହା ମଧ୍ୟରେ ଆସେ 'ଘାସଫୁଲ', 'ସମୟର ଅନୁଚିନ୍ତା, 'ଦଶଟି କବିତା' ଆଦି କବିତା ଗ୍ରନ୍ଥ ସହ 'ଭକ୍ତ ଦାସିଆ', 'ବିପ୍ଳବୀ', 'ବିଷକନ୍ୟା', 'ଶ୍ରୀକୃଷ୍ଣଙ୍କ ଶେଷ ହସ', 'ଶିବସାର୍ ଓ ଅନ୍ୟାନ୍ୟ ନାଟକ' ଆଦି ୨୦ରୁ ଅଧିକ ପୁସ୍ତକ ରଚନା କରି ପାଠକଙ୍କ ପ୍ରଶଂସା ସାଉଁଟି ପାରିଛନ୍ତି। ଏଥିସହ ଅଞ୍ଚଳର ସାମାଜିକ ସଂଗଠନଗୁଡ଼ିକର ନେତୃତ୍ୱ ନେଇ ସମାଜସେବାରେ ମଧ୍ୟ ନିଜକୁ ନିୟୋଜିତ କରିଛନ୍ତି । ତାଙ୍କର ଏହି ସାଧନାର ସ୍ୱୀକୃତି ସ୍ୱରୂପ ତାଙ୍କୁ ମିଳିଛି ବହୁ ଉପାଧି ଓ ପ୍ରଶଂସା। ନାଟ୍ୟକଳା କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ପାଇଁ ୨୦୧୪ ମସିହାରେ ଉତ୍କଳ ସମ୍ମିଳନୀ ପକ୍ଷରୁ ତାଙ୍କୁ ମିଳିଛି 'ନାଟ୍ୟଗୌରବ' ଉପାଧି । ୧୯୮୪ ମସିହାରେ ଢେଙ୍କାନାଳର ଶିଳ୍ପୀ ଅନୁଷ୍ଠାନ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ନାଟକ ଉତ୍ସବରେ ତାଙ୍କ ନିର୍ଦ୍ଦେଶିତ ନାଟକ 'ମୁକ୍ତି' ପାଇଁ ସେ ପାଇଛନ୍ତି ଅଜସ୍ର ପ୍ରଶଂସା। ଆକାଶବାଣୀ କଟକ କେନ୍ଦ୍ରର ନାଟକରେ ଅଭିନୟ କରି ଶ୍ରୋତା ମହଲରୁ ପାଇଛନ୍ତି ଅନେକ ପ୍ରଶଂସା। ୨୦୧୯ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ। ଆଜି ବୟସର ଅପରାହ୍ନରେ ମଧ୍ୟ ସେ ନିଜର ସାଧନା ଜାରି ରଖିଛନ୍ତି।

-ବିଭୂତି ଭୂଷଣ ତ୍ରିପାଠୀ



# କଳାକୃତୀ ଦେଉଛି ରୋଜଗାର



ସୃଜନଶୀଳତାର ନଥାଏ କୌଣସି ଜାତି କି ଧର୍ମ। ଶିଳ୍ପୀଟିଏ ନିଜ ଭିତରର ଇଛା ଓ ଆଗ୍ରହକୁ ନେଇ ସେ କଳାର ରୂପ ଦେଇଥାଏ। ଏମିତି ଜଣେ ଶିଳ୍ପୀ ହେଲେ ଖୋର୍ଦ୍ଧା ଜିଲାର ବେଗୁନିଆ ଥାନା ଅନ୍ତର୍ଗତ କୁଷପଲା ଗାଁର ଜରିନା ବିବି।


ପ୍ରଥମେ ଜରିନା ଚାନ୍ଦୁଆ କାମ ଶିଖୁଥିଲେ। ସେଇଠୁ ସେ କାଳିଆ ସାଆନ୍ତଙ୍କ ବିଭିନ୍ନ ଚିତ୍ରକଳା ତିଆରି କରିବାକୁ ଲାଗିଲେ। ସେ କୁହନ୍ତି,'ଆମ ପରିବାରର ଆର୍ଥିକ ସ୍ଥିତି ବିଶେଷ ସ୍ୱଚ୍ଛଳ ନୁହେଁ। ସେଥିପାଇଁ କଳା କାରିଗରୀରୁ କିପରି ରୋଜଗାର ହୋଇପାରିବ ସେ ନେଇ ଚିନ୍ତା କଲି। ଘରର ସବୁ କାମ ସରିଲାପରେ ମୁଁ ଚାନ୍ଦୁଆ ଶିଖିବାକୁ ଗଲି। ଏମିତି ଶିଖିବା ଭିତରେ ମତେ ଜଗନ୍ନାଥଙ୍କ ପ୍ରତିକୃତୀ ତିଆରି କରିବାକୁ ମୋର ବେଶି ମନ ବଳିଲା। ଆଉ ମୁଁ ପ୍ରଭୁଙ୍କ ନିଖୁଣ କାରିଗରୀ କରିବାକୁ ଲାଗିଲି। ଆଜକୁ ପ୍ରାୟ ୬ ବର୍ଷ ତଳୁ ଅର୍ଥାତ୍ ୨୦୧୮ରୁ ଚାନ୍ଦୁଆ ହସ୍ତଶିଳ୍ପର ତାଲିମ ନେଇ ଚାନ୍ଦୁଆ କରୁଛି। ଆଉ ଏଇ ୩ବର୍ଷ ହେବ ମୁଁ ଶ୍ରୀଜଗନ୍ନାଥଙ୍କ କଳାକୃତି ତିଆରି କରୁଛି। ପ୍ରତିଦିନ ତୂଳୀ ଓ ବିଭିନ୍ନ ରଙ୍ଗିନ କାଗଜକୁ ନେଇ ଜଗନ୍ନାଥଙ୍କ ବିଭିନ୍ନ କଳାକୃତି ତିଆରି କରିଥାଏ। ଏହି କଳାକୃତି ତିଆରି ପାଇଁ ରଙ୍ଗୀନକାଗଜ, ଜରି, ଚୁମୁକି, ଫେବିକଲ ଅଠା, ବିଭିନ୍ନ ରଙ୍ଗର ଲେସ ଆବଶ୍ୟକ ପଡ଼ିଥାଏ। ମୋ ହାତ ତିଆରି କାରିଗରୀକୁ କିଣି ନେଉଥିବା ଗରାଖମାନେ ଯେତେବେଳେ ମୋତେ ପ୍ରଶଂସା କରନ୍ତି ବହୁତ ଖୁସି ଲାଗେ। ମୋର ଗୋଟିଏ ଗୋଟିଏ ହସ୍ତକଳାର ମୂଲ୍ୟ ୧୦୦ଟଙ୍କାରୁ ଆରମ୍ଭକରି ୫ଶହଟଙ୍କାରେ ବିକ୍ରି ହୋଉଛି। ହସ୍ତଶିଳ୍ପ କାର୍ଯ୍ୟରୁ ମୋର ମାସିକ ପ୍ରାୟ ୩ରୁ ୪ହଜାର ଟଙ୍କା ରୋଜଗାର ହୋଇପାରୁଛି। ଯାହା ମୋ ପରିବାର ଚଳିବାରେ କିଛିଟା ସାହାଯ୍ୟ କରିଥାଏ। ଏବେ ବେଗୁନିଆ ସଦରମହକୁମା ଅଞ୍ଚଳରେ ମୁଁ ମୋ ପରିବାର ସହିତ ରହୁଛି। ଏହି ହସ୍ତକଳା କାମରେ ମୋ ସ୍ୱାମୀଙ୍କର ବି ସହଯୋଗ ରହିଛି।

ଓଡ଼ିଶାର କଳାସଂସ୍କୃତି ସହ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ପ୍ରକାରର ଚିତ୍ର ଆଙ୍କିବାରେ ମତେ ବେଶ୍ ଆତ୍ମସନ୍ତୋଷ ମିଳିଥାଏ। ଜଣେ ଶିଳ୍ପୀଭାବେ ବି ମୁଁ ନିଜକୁ ଖୁବ୍ ଗର୍ବ ଅନୁଭବ କରେ।









## ଦର୍ପଣରେ ନାୟିକା

-ଦେବଯାନୀ ରାୟ

ସେଇ ଯୋଉଁ ଆନମନା
ଆଖିଯୋଡିକ ତୁମର
ଜାଣେନା,କେଉଁ ସନ୍ତର୍ପଣ ଭାବରେ
ଆଙ୍କୁଥିଲା ଚିତ୍ର
ମିଳନ କି ବିରହର !
ଆଜି କିନ୍ତୁ ତମେ ମତେ ପଚାରିଚାଲ
ପ୍ରଶ୍ନ ପରେ ପ୍ରଶ୍ନ
ଏ ଯୋଉଁ ଛଳ ଛଳ ସୂକ୍ଷ୍ମ ଆବେଦନ
ପ୍ରତୀକ୍ଷାର ଦୁଇହଳ ଆଖିରେ
ଶୃଙ୍ଗାରମୟ ମୁହୂର୍ତ୍ତର ପ୍ରେମାଞ୍ଜନ
ଏ କ'ଣ ଦେଇପାରିବ କି
ତାକୁ ଧାରେ ଲୁହ
ଦେଇପାରିବ କି ଚାତକଚଞ୍ଚୁରେ ବିନ୍ଦୁଏ
ବାରି
ଦେଇପାରିବ ଇନ୍ଦ୍ରିୟକୁ ପଦ୍ମତୋଳା
ଦେଇପାରିବ କି ଶରୀରକୁ ଆଲିଙ୍ଗନ,
ଦେହକୁ ଦହନ
ଦେଇପାରିବ ସମୟକୁ ବଚନର ଭରସା
ହେଇପାରିବ କି..,
ଜହ୍ନରାତିର ଚେନାଏ ଅନ୍ୟମନସ୍କତା ?
ତେବେ, କୁହ ହେ କାବ୍ୟନାୟିକା
ନିଜକୁ ଫିଟେଇ ପକେଇବାର
ଏକ ଅମୃତ ସମ୍ମୋହନରେ ସମାହିତ ଆମ
ସମ୍ପର୍କକୁ
କେଉଁ ନା ଦେବି...... ?
ପ୍ରତିଜ୍ଞା, ପ୍ରତିଶୃତିର ରାଗମେଘ ନା
ପ୍ରତ୍ୟାଖାନର ବୀତରାଗ କାନ୍ତାର !

*-ଜଟଣୀ, ଖୋର୍ଦ୍ଧା,*
*ମୋ:୯୪୩୭୪୧୩୩୧୪*

# ସ୍ଥାୟୀ ଠିକଣା

-ଅଲେଖ ଚନ୍ଦ୍ର ମିଶ୍ର

ସକାଳୁ ସକାଳୁ ଖବର କାଗଜ ଉପରେ ନଜର ପକାଉ ପକାଉ ଗୋଟିଏ ସ୍ଥାନରେ ଅଟକିଗଲା ହଳାୟୁଧଙ୍କର ଦୃଷ୍ଟି। ତାହା ଥିଲା ଏକ ନିଲାମ ଇସ୍ତାହାର। କୌଣସି ଏକ ବ୍ୟାଙ୍କ୍ ତରଫରୁ ପ୍ରକାଶିତ ଘରବାଡ଼ି, ଜମି ଓ ତା' ଉପରେ ଥିବା ଘରର ସମ୍ପୂର୍ଣ୍ଣ ବିବରଣୀ ସହିତ ଅନାଦାୟ ଋଣର ପରିମାଣ ଏବଂ ସମ୍ପୃକ୍ତ ସମ୍ପତ୍ତି ସର୍ବସାଧାରଣରେ ନିଲାମ ହେବାର ଧାର୍ଯ୍ୟ ହୋଇଥିବା ତାରିଖ। ସମ୍ପତ୍ତିର ବିବରଣୀକୁ ଯେତେଥର ପଢ଼ିଲେ ବି ନିଜ ଆଖିକୁ ବିଶ୍ୱାସ କରି ପାରୁ ନ ଥିଲେ ହଳାୟୁଧ। କାରଣ ତାହା ଥିଲା ସେ ରହୁଥିବା ତାଙ୍କ ନିଜ ଘର ଓ ଜାଗାବାଡ଼ି। ଅଥଚ ସେ କିଛି ବି ଜାଣିନାହାନ୍ତି। କଣ୍ଠ ତାଙ୍କର ଶୁଖି ଆସୁଥିଲା, ଆଖି ଛଳ ଛଳ ହୋଇଆସୁଥିଲା। ତାରି ଭିତରେ ଝାପ୍ସା ହୋଇ ଭାସି ଉଠୁଥିଲା କେଇ ବର୍ଷ ତଳର ଘଟଣା। ସେ ଦିନ ପୁଅ କଥାରେ ରାଜି ହୋଇ କିଛି କାଗଜପତ୍ରରେ ସେ ଦସ୍ତଖତ କରିଦେଇଥିଲେ। ପୁଅର ଯୁକ୍ତି ଥିଲା ଆଜିକାଲି ସହରରେ ଜାଗାବାଡ଼ିର ଯାହା ଚାହିଦା ସେଠି ଏଭଳି ବିରାଟ ଜାଗା ପକେଇ ରଖି ବାଡି ବଗିଚା କରିବା ବୋକାମିର ପରିଚୟ। ବରଂ ଏ ସ୍ଥାନରେ ଏକ ବହୁତଳ ଆପାର୍ଟମେଣ୍ଟ୍ କଲେ କୋଟି କୋଟି ଟଙ୍କା ଆୟ ହେବ, ତା' ସହିତ ରହିବା ପାଇଁ ଫ୍ଲାଟ୍‌ଟିଏ ବି ମିଳିବ। ଆମକୁ କିଛି କଷ୍ଟ କରିବାକୁ ପଡ଼ିବନି। ବିଲ୍ଡର୍‌ମାନେ ସବୁ କରିବେ। ଏ ଜାଗା ପାଇଁ ସେମାନେ ତ ଧରାପରା ହେଉଛନ୍ତି। ତୁମେ ଖାଲି ଦସ୍ତଖତ କରିଦେଲେ ହେଲା। ତା' କଥାରେ ରାଜି ହୋଇଥିଲେ ସେ। ତାଙ୍କ ଅନ୍ତେ ତ ଏ ସବୁର ଏକମାତ୍ର ଉତ୍ତରାଧିକାରୀ ପୁଅ। ଯାହା କରୁଛି କରୁ। ତାଙ୍କର ଅବା ଆଉ କେତେଦିନ !

ଘୋର ମାନସିକ ଦୁଶ୍ଚିନ୍ତାରେ ସେଦିନ ରାତି ଶୋଇ ପାରିଲେନି ହଳାୟୁଧ। ଗାଁର ସବୁ ଜମିବାଡ଼ି ବିକି ପେଟ ପିଠିରୁ କାଟି ବହୁ କଷ୍ଟରେ କରିଥିବା ତାଙ୍କର ଏହି ପ୍ରିୟ ଘରଟିକୁ ନିଲାମ କରି ତାଙ୍କୁ ବେଘର କରିଦେବାର ଦୁଃଖ, ଲଜ୍ଜା ଓ ଅପମାନ କିପରି ସହିବେ ? କ'ଣ କରିବେ ? କୁଆଡ଼େ ଯିବେ ? କିଛି କୂଳ କିନାରା ପାଉ ନ ଥିଲେ। କେତେ ବେଳକେ ଟିକେ ଛାଇନିଦ ଲାଗିଆସିଛି ହଠାତ୍ ତାଙ୍କ ଚେତନାରେ ଭାସିଉଠିଲା କାହିଁ କେତେ ବର୍ଷ ତଳୁ ଆରପାରିକୁ ଚାଲିଯାଇଥିବା ବୋଉର ମଳିନ ରୂପ ଆଉ ତା'ର ଶେଷ କଥା କେଇ ପଦ, ତୁ ଯେତେ ଯୋଉଠି ଘର କଲେ ବି ସେ ସବୁ ବସାଘର। ଏଇଟି ହିଁ ତୋର ପୈତୃକ ଘର, ତୋର ଅନ୍ତୁଡ଼ିଶାଳ, ଆମ ଦେଇପିଣ୍ଡି, ଆମ ପୂର୍ବ ପୁରୁଷଙ୍କର ସ୍ମୃତି ଓ ପରିଚୟ, ତୋର ସ୍ଥାୟୀ ଠିକଣା। ସବୁ ସମ୍ପତ୍ତି ବିକିଦେ ପଛକେ ଏ ଘର ଡିହଟିକୁ ବିକିବୁନି। କେଜାଣି କାହିଁକି ତା' କଥାକୁ ମାନିଥିଲେ ସେ। ହଠାତ୍ ଉଠିପଡ଼ି ବୋଉ ଉଦ୍ଦେଶ୍ୟରେ ହାତ ଯୋଡ଼ିଲେ। ବିଚରା ପରପାରିରେ ଥାଇ ବି ତାଙ୍କ ସମସ୍ୟାର ସହଜ ସମାଧାନ କରିଦେଲା। ତାଙ୍କୁ ମିଳିଗଲା ନିଜର ସ୍ଥାୟୀ ଠିକଣା।

*– ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର, ୟୁନିଟ୍ ୪,*
*ଭୁବନେଶ୍ୱର, ମୋ:୯୪୩୮୬୭୩୮୯୮*

## ପାଞ୍ଚୋଟି ଏକପଦୀ

-ଡ. ଭରତ ଚନ୍ଦ୍ର ଦାଶ

ଦେହ ମୋର ଭିତ୍ତି ପ୍ରଣୟର ଗୀତି
ମିଳନର ମଧୁ ସ୍ୱନ
ଦେହଦାନ କରି ପ୍ରାପ୍ତ ଦିବ୍ୟ ଶିରି
ତୃପତ ଲଭିଛି ପ୍ରାଣ ।

**ଦୁଇ**

ଗୋଲାକାର ତୁମ ଦେହର ପରିଧି
ସ୍ନିଗ୍ଧ କୋମଳ ବ୍ୟାସ
ଉରଜ ଉତ୍ପଳ ବକ୍ଷେ ଢଳ ଢଳ
ଅତନୁର ଭବ୍ୟ ରାସ ।

**ତିନି**

ମୁଗ୍ଧ ମୁଁ ଆଜି ପରଶ ଲଭିଛି
ପ୍ରୀତିର କୋମଳ ଦେହ
ମୋ ପ୍ରାଣରେ ପ୍ରୀତି ଭରିଛି ଜୀବନ
ହରିଛି ବିରହ ମୋହ।

**ଚାରି**

ଶ୍ରାବଣର ଧାରା ପ୍ରୀତିର ପସରା
ଛୁଇଁଛି ମୋ ପ୍ରିୟା ଦେହ
ସୂକ୍ଷ୍ମ ଝୀନ ବାସେ ସ୍ୱଷ୍ଟରୂପେ ଦିଶେ
କାମିନୀ କାମନା ମୋହ।

**ପାଞ୍ଚ**

ଆପଣଟା ମୋତେ ଅଡୁଆ ଲାଗୁଛି
ତୁମେ ବୋଲି କୁହ ଥରେ
ତୁମେ ତ ନିର୍ଝର ପ୍ରୀତି ସ୍ୱଚ୍ଛଧାର
ଝରଝର ହୋଇ ଝରେ।

*– ମାର୍କୋଣା, ବାଲେଶ୍ୱର,*
*ମୋ: ୮୯୮୪୪୩୯୧୬୬*



# ସମୟ ମିଳିଲେ..



ଶ୍ରଦ୍ଧା

**ଶ**କ୍ତି ତନୟା ଶ୍ରଦ୍ଧା କପୁରଙ୍କୁ ଯେତେବେଳେ ସମୟ ମିଳେ ସେ ତାହାର ସଦୁପଯୋଗ କରିବାକୁ ଆଦୌ ଭୁଲନ୍ତି ନାହିଁ। ପରିବାର ପାଇଁ ସମୟ ଦେବା ବ୍ୟତୀତ ସେ ନିଜକୁ ଆଉ ଏକ କାମରେ ନିୟୋଜିତ ରଖନ୍ତି। ଗଛଲତା ଲଗାଇବାକୁ ସେ ଭାରି ଭଲ ପାଆନ୍ତି। ତେଣୁ ନିଜ ଘର ସାମନାରେ ସେ ଏକ ବଗିଚା ତିଆରି କରିଛନ୍ତି। ଏ ନେଇ ଶ୍ରଦ୍ଧା କହନ୍ତି, 'ଗଛ ଲଗାଇବା ମୋର ପିଲାଟି ଦିନରୁ ଏକ ଅଭ୍ୟାସ। ପାଠ ପଢ଼ିବା ସମୟରେ ସାଙ୍ଗପିଲାମାନଙ୍କୁ ଏକାଠି କରି ଅନେକ ଥର ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଛି। ଏବେ ମୋତେ ସମୟ ମିଳିଲେ ମୁଁ ତିଆରି କରିଥିବା ଗାର୍ଡେନରେ ଗଛଲତାଙ୍କ ଯତ୍ନ ନେଇଥାଏ। ଏହାସହ ବୃକ୍ଷରୋପଣ ବାର୍ତ୍ତାକୁ ଆହୁରି ପ୍ରଚାର ପ୍ରସାର କରିବାକୁ ସାଙ୍ଗମାନଙ୍କୁ କହିଥାଏ।' ଚଳିତ ମାସ ୧୫ରେ ଶ୍ରଦ୍ଧା କପୁରଙ୍କ ଅଭିନୀତ 'ସ୍ତ୍ରୀ–୨' ରିଲିଜ ହୋଇଛି। ଫିଲ୍ମଟିକୁ ପ୍ରାରମ୍ଭରୁ ବେଶ୍ ସଫଳତା ମିଳିଛି। ମାତ୍ର ଦିନ କେଇଟାରେ ଏହି ଚିତ୍ର ପାଖାପାଖି ୩୫୦କୋଟି ବିଜନେସ୍ କରିଛି। ଅମର କୌଶିକଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ଶ୍ରଦ୍ଧାଙ୍କ ନାୟକ ସାଜିଛନ୍ତି ରାଜକୁମାର ରାଓ।

# ଆଶାରେ ଅନୁପ



**ଓ**ଡ଼ିଆ ଅଭିନେତା ଅନୁପ ସାହାଙ୍କ ଫ୍ୟାନଙ୍କ ପାଇଁ ଖୁସି ଖବର । ସେ ଖୁବଶୀଘ୍ର ଏକ ନୂଆ ଭୂମିକାରେ ବଡ ପରଦାରେ ଦେଖାଦେବେ। ଆଉ ଫିଲ୍ମଟି ହେଉଛି 'ଶିମ୍ଲୀ'। ଏହି ଚିତ୍ରଟି ଚଳିତ ବର୍ଷ ଗଣେଶ ପୂଜା ଅବସରରେ ମୁକ୍ତିଲାଭ କରିବ ବୋଲି ଏହାର କ୍ରିଏଟିଭ ହେଡ ସୂଚନା ଦେଇଛନ୍ତି। କେବଳ ସେତିକି ନୁହେଁ ଅନୁପଙ୍କ ଏହି ଭୂମିକା ତାଙ୍କ କ୍ୟାରିୟରର ଏକ ମାଇଲ ଖୁଣ୍ଟ ହେବ ବୋଲି ଚର୍ଚ୍ଚା ଜୋର୍ ଧରିଛି । ଗତ କିଛି ବର୍ଷ ହେବ ସେ ବଡ ପରଦାଠାରୁ ଦୂରେଇ ରହିଥିଲେ। ତେବେ ଏହି ଫିଲ୍ମରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ଏହି ଅଭିନେତା। ଅନୁପ ସାହା ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଏକ ପରିଚିତ ନାଁ । ଥିଏଟର, ସିରିଏଲ, ଆଲବମ ଏବଂ ଫିଲ୍ମରେ ନିଜର ଅଭିନୟର ପରାକାଷ୍ଠା ଦେଖାଇ ସାରଛନ୍ତି । ତାଙ୍କର ପ୍ରଥମ ଫିଲ୍ମ ଥିଲା 'ସାଗର ଗଙ୍ଗା'। ବାରିପଦାରେ ଜନ୍ମିତ ଏହି ଅଭିନେତା ପ୍ରାୟ ୫୦ରୁ ଅଧିକ ନାଟକ ବି କରିଛନ୍ତି। ସ୍ମିତା ରାଉତଙ୍କ ପ୍ରଯୋଜିତ ଏବଂ ସୁକୁମାର ମଣିଙ୍କ ପ୍ରଥମ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଫିଲ୍ମରେ ମନୋଜ, ସୂର୍ଯ୍ୟମୟୀ, ଲିପିକା, ଐଶ୍ୱର୍ଯ୍ୟ ପରିଜା, ଦେବାଶିଷ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

# ଯଦି ଐଶ୍ୱର୍ଯ୍ୟା ରାଜି ହୋଇଥାଆନ୍ତେ..

**କ**ଳାକାର ଜୀବନରେ ଅନେକ ଘଟଣା ଘଟିଥାଏ। ବେଳେବେଳେ କେତେକ କାରଣରୁ ଭଲ ଅଫର୍‌କୁ ହାତଛଡା କରିବାକୁ ପଡିଥାଏ। ଦେଖୁନାହାନ୍ତି, ଧର୍ମେଶ ଦର୍ଶନଙ୍କ ସୁପରହିଟ୍ ଫିଲ୍ମ 'ରାଜା ହିନ୍ଦୁସ୍ତାନୀ' କଥା କେମିତି ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବେ ବି ମନେ ପକାଉଛନ୍ତି। ଯେତେବେଳେ ଧର୍ମେଶ ଏହି ଫିଲ୍ମର କଳାକାର ଚୟନ ପ୍ରକ୍ରିୟା ଆରମ୍ଭ କଲେ ସେତେବେଳେ ଟାଇଟଲ ଭୂମିକା ପାଇଁ ଆମୀର ଖାଁଙ୍କୁ ହିଁ ସିଲେକ୍ଟ କରିଥିଲେ। କିନ୍ତୁ ତାଙ୍କ ଅପୋଜିଟ୍‌ରେ କିଏ ନାୟିକା ସାଜିବ ସେ ନେଇ ସେ ଦ୍ୱନ୍ଦ୍ୱରେ ପଡିଥିଲେ। ଠିକ୍ ବେଳକୁ ତାଙ୍କ ମନକୁ ଐଶ୍ୱର୍ଯ୍ୟାଙ୍କ କଥା ଆସିଥିଲା। ତେଣୁ ବିଳମ୍ବ ନ କରି ସେ ତାଙ୍କୁ ଯୋଗାଯୋଗ କରିଥିଲେ। ହେଲେ କ'ଣ ହେବ ? ସେତେବେଳେ ଐଶ୍ୱର୍ଯ୍ୟା ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଥାଆନ୍ତି। ତେଣୁ ଏଭଳି ଅଫରକୁ ସେ ପ୍ରତ୍ୟାଖାନ କରିଥିଲେ। ତା'ପରେ ନିର୍ଦ୍ଦେଶକ ଧର୍ମେଶ, କରିଷ୍ମା କପୁରଙ୍କୁ ଯୋଗାଯୋଗ କରିଥିଲେ। ଆଉ କରିଷ୍ମା ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। ଜଣେ ଟ୍ୟାକ୍ସି ଡ୍ରାଇଭରର ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ ଏହି ଫିଲ୍ମଟି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ତା'ସହ ଏହାର ଗୀତଗୁଡିକ ମଧ୍ୟ କୌଣସି ଗୁଣରେ କମ୍ ନ ଥିଲା। ହେଲେ ନିକଟରେ ନିଜ କ୍ୟାରିୟର ବିଷୟରେ କହୁ କହୁ ଐଶ୍ୱର୍ଯ୍ୟା କହିଥିଲେ ଯେ, 'ଯଦି ମୁଁ ସେତେବେଳେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉ ନ ଥାନ୍ତି ତେବେ ଏହି ଫିଲ୍ମରେ ନିଶ୍ଚୟ ଅଭିନୟ କରିଥାଆନ୍ତି। ଛାଡନ୍ତୁ, ଗତସ୍ୟ ଶୋଚନାଂ ନାସ୍ତି।'

# ଏବେ ବି ମନେ ପଡେ



ଆଲିୟା

**ଆ**ଲିୟା ଭଟ୍ଟଙ୍କ ବଡ ପରଦା କ୍ୟାରିୟର ଜଣେ ଶିଶୁ କଳାକାର ଭାବରେ ଆରମ୍ଭ ହୋଇଥିଲା। ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିବା 'ସଂଘର୍ଷ'ରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ସେତେବେଳେ ତାଙ୍କୁ ହୋଇଥିଲା ମାତ୍ର ୬ ବର୍ଷ ବୟସ। ତେବେ ପରେ ତାଙ୍କୁ ନାୟିକା ଭାବରେ ବ୍ରେକ୍ ଦେଇଥିଲେ କରନ୍ ଜୋହର୍। ଆଉ ଫିଲ୍ମଟି ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର'। ଟିନ୍ ଏଜ୍ ଲଭ୍ ଷ୍ଟୋରି ଉପରେ ଆଧାରିତ ଏହି ସିନେମାର ନାୟିକା ସାଜିବା ତାଙ୍କ ପାଇଁ ସହଜ ନ ଥିଲା। କରନ୍ ଏଥିରେ ଜଣେ ନବାଗତାକୁ ବ୍ରେକ୍ ଦେବାକୁ ଚାହୁଁଥିଲେ। ସେଥିଲାଗି ଆଲିୟାଙ୍କୁ ଅଡିଶନ୍‌ର ସାମ୍ନା କରିବାକୁ ପଡିଥିଲା। ଏହି ଅଡିଶନ୍‌ରେ କେତେ ଜଣ ନବାଗତା ଅଂଶଗ୍ରହଣ କରିଥିଲେ ଜାଣନ୍ତି ? ୪୦୦ ଜଣ। ଅଡିଶନ ଦେବା ପରେ ଆଲିୟା ଭାବି ନ ଥିଲେ ଯେ ତାଙ୍କୁ ଏହି ଭୂମିକା ପାଇଁ ଚୟନ କରାଯିବ। ଏ ସମ୍ପର୍କରେ ଆଲିୟା କୁହନ୍ତି, 'ଅଡିଶନ ଦେବା ପରେ ମୁଁ କଦାପି ଚିନ୍ତା କରି ନ ଥିଲି ଯେ କରନ୍ ସାର୍ ମୋତେ ସିଲେକ୍ଟ କରିବେ। ହେଲେ ସେ ନିଜେ ମୋତେ ଫୋନ୍ କରି କହିଲେ ଯେ 'ୟୁ ଆର ସିଲେକ୍ଟେଡ୍ ଫର୍ ମାଇଁ ନ୍ୟୁ ମୁଭି'। ଯାହାହେଉ ମୋ ପ୍ରଥମ ସିନେମାଟି ମୋ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା।' ସେତେବେଳେ ଆଲିୟାଙ୍କୁ ହୋଇଥିଲା ମାତ୍ର ୧୬ ବର୍ଷ। ଏହି ଫିଲ୍ମରେ ବରୁଣ ଧାୱନ, ସିଦ୍ଧାର୍ଥ ମଲହୋତ୍ରା ଏବଂ ଋଷି କପୁର ପ୍ରମୁଖ କଳାକାର ଅଭିନୟ କରିଥିଲେ। ୨୦୧୨ ଅକ୍ଟୋବର ୧୯ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ୧୦୦କୋଟି କ୍ଲବ୍‌ରେ ସାମିଲ ହୋଇଥିଲା।

# ରହସ୍ୟ ଖୋଲିଲେ ଶାହରୁଖ



ଶାହରୁଖ

ବଲିଉଡ୍ ବାଦ୍‌ଶାହ ଶାହରୁଖ ଖାଁ। ପୂର୍ବରୁ ଅନେକ ସୁପର୍‌ହିଟ୍ ଚଳଚ୍ଚିତ୍ର ଦେଇଥିବା ଶାହରୁଖ୍‌ଙ୍କର ନିକଟରେ କେତୋଟି ସିନେମା ମଧ୍ୟ ହିଟ୍ ସାବ୍ୟସ୍ତ ହୋଇଛି। ନିକଟରେ ସେ ନିଜ ଲମ୍ବା ଆକ୍ଟିଂ କ୍ୟାରିୟରର କେତୋଟି ରୋମାଞ୍ଚକର କଥା ପ୍ରକାଶ କରିଛନ୍ତି। ସମୟ ଥିଲା, ଯେତେବେଳେ ତାଙ୍କୁ ଗୋଟିଏ ପରେ ଗୋଟିଏ ଅଫର ମିଳୁଥିଲା, ଆଉ ପ୍ରାୟ ଦିନ ତମାମ ଏବଂ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସେ ଶୁଟିଂରେ ବ୍ୟସ୍ତ ରହୁଥିଲେ। ତଥାପି ସେ ସେତେବେଳେ କୌଣସି ପ୍ରଯୋଜକଙ୍କୁ ଡେଟ୍‌କୁ ନେଇ ଅସୁବିଧାର ସମ୍ମୁଖୀନ ହେବାକୁ ଦେଇ ନ ଥିଲେ। ଏ ନେଇ ଶାହରୁଖ କହନ୍ତି, 'ମୋ କ୍ୟାରିୟର ଯେତେବେଳେ ପିକ୍‌ରେ ଥିଲା, ସେତେବେଳେ ମୋ ପଛରେ ସତେଯେମିତି ପ୍ରଯୋଜକମାନଙ୍କର ଲମ୍ବା ଲାଇନ୍ ଲାଗିଥିଲା। ମୋତେ ସାଇନ୍ କରିଥିବା ପ୍ରଯୋଜକଙ୍କୁ ମୁଁ କେବେ ଅସୁବିଧାରେ ପଡିବାକୁ ଦେଇନାହିଁ। ମୋତେ ଯେତେ କଷ୍ଟ ହେଲେ ମଧ୍ୟ ଦିନକୁ ପାଖାପାଖି ୨୦ ଘଣ୍ଟା ଶୁଟିଂ କରୁଥିଲି। ରାତି ଦୁଇଟାରେ ଶୁଟିଂ ସେଟ୍‌ରୁ ଫେରୁଥିଲି। ତା'ପରେ ଫ୍ରେଶ୍ ହୋଇ ଭୋର ପାଞ୍ଚଟାରେ ଶୋଉଥିଲି। ତା'ପର ଦିନ ଯଦି ଶୁଟିଂ ରହୁଥିଲା ପୁଣି ସକାଳ ୯ଟାରେ ଉଠି ଶୁଟିଂ ପାଇଁ ପ୍ରସ୍ତୁତ ହେଉଥିଲି।'

# ଯାହା ଭାବିଥିଲେ ପରିଣୀତି

**କ**ଥାରେ ଅଛି–ଏ ମନ ଭାବୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଫିଲ୍ମର ଶୁଟିଂ ସମୟରେ ସେ ଯାହା ଆକଳନ କରିଥିଲେ ତାହା ଏବେ ସତରେ ପରିଣତ ହୋଇଛି। ଆଉ ତା'ପରେ ତାଙ୍କର ଖୁସି ଦେଖେ କିଏ ? ସେ ସିନା ପୁରସ୍କାର ପାଇଲେନି, ହେଲେ ଏହି ଫିଲ୍ମଟି ଏଥର ଦୁଇଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ହଁ, ଏହି ଚଳଚ୍ଚିତ୍ରଟି ହେଲା ସୁରଜ ବଡ଼ଜ୍ୟାତାଙ୍କ ନିର୍ଦ୍ଦେଶିତ 'ଉଞ୍ଚାଇ'। ନିକଟରେ ଘୋଷିତ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଏହି ଫିଲ୍ମ ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସୁରଜ ବଡ଼ଜ୍ୟାତା ଏବଂ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବେ ନୀନା ଗୁପ୍ତା ପୁରସ୍କାର ପାଇଛନ୍ତି। ଏ ବିଷୟରେ ଜାଣିବା ପରେ ଏହାର କାଷ୍ଟିଂରେ ଥିବା ପରିଣୀତି କେମିତି ବା ଚୁପ୍ ହୋଇ ବସି ରହିଥାନ୍ତେ କହୁନାହାନ୍ତି ? ଉକ୍ତ ସିନେମାର ପୋଷ୍ଟରକୁ ସେ ନିଜ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ କରିବା ସହ କ୍ୟାପସନ୍‌ରେ 'ପ୍ରାଉଡ୍' ବୋଲି ଲେଖିଛନ୍ତି। କେତେକ ବୟସ୍କ ବ୍ୟକ୍ତି କିଛି ସ୍ୱପ୍ନ ଦେଖନ୍ତି ଆଉ ତାହାକୁ ସଫଳ କରିବାକୁ ସେମାନେ କେମିତି ଉଦ୍ୟମ କରି ସଫଳ ହୁଅନ୍ତି ତାହା ଏହି ଫିଲ୍ମରେ ବେଶ୍ ସୁନ୍ଦର ଭାବରେ ଅବତାରଣା କରାଯାଇଛି। ଏଥିରେ ଅମିତାଭ ବଚ୍ଚନ, ଅନୁପମ ଖେର, ବୋମନ ଇରାନୀ, ଡ୍ୟାନି ଦେନଜୋଙ୍ଗପା, ନୀନା ଗୁପ୍ତା ଏବଂ ସାରିକା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ୧୭୦ ମିନିଟ୍ ଅବଧି ବିଶିଷ୍ଟ ଏହି ଫିଲ୍ମଟି ୨୦୨୨ ନଭେମ୍ବର ୧୧ରେ ରିଲିଜ ହୋଇଥିଲା।



ପରିଣୀତି



ଐଶ୍ୱର୍ଯ୍ୟା

ପ୍ରଥମ ରୋଜଗାର

# ବୋଉ ହାତରେ ଦେଇଥିଲି ପ୍ରଥମ ଦରମା



ସାହିତ୍ୟିକ ତଥା ପ୍ରଶାସନିକ ଅଧିକାରୀ **ସନ୍ତୋଷ କୁମାର ସେଠୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଆ**ମ ପରିବାର ଏକ ନିମ୍ନ ମଧ୍ୟବିତ୍ତ ପରିବାର। କୃଷି ଥିଲା ଆମ ଅର୍ଥନିତୀର ମୁଖ୍ୟ ମାଧ୍ୟମ। ବାପା ଥିଲେ ଜଣେ ଭଲ ଚାଷୀ। ମୋତେ ୧୮ବର୍ଷ ବେଳେ ବାପାଙ୍କର ଦେହାନ୍ତ ହେଲା ହୃଦ୍‌ଘାତରେ। ଏହାପରେ କଷ୍ଟେମଷ୍ଟେ ପରିବାର ଆଗକୁ ଗଡ଼ି ଚାଲିଲା। ୧୯୯୪ ମସିହା ଅକ୍ଟୋବର ୧୭ରେ ମୁଁ ସୂଚନା ଓ ଲୋକ ସମ୍ପର୍କ ବିଭାଗରେ ଯୋଗଦେଲି। ଷ୍ଟାଫ୍ ସିଲେକ୍ସନ ବୋର୍ଡ ଅଧିନରେ ଅନୁଷ୍ଠିତ ଚୟନ ଆଧାରରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ମୁଁ ପ୍ରଥମେ ଯୋଗଦେଲି କଟକରେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଆମେ ଚୟନ ହେବା ପରେ ସମସ୍ତ ନୂତନ ଅଧିକାରୀମାନଙ୍କୁ ଏକ ୧୦ ଦିନିଆ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ପରେ ଆମମାନଙ୍କୁ ବିଭିନ୍ନ ସ୍ଥାନରେ ପୋଷ୍ଟିଂ ଦିଆଗଲା। ମୋର ପୋଷ୍ଟିଂ କଟକ ସଦର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଆଦେଶ ହେଲା। ଯଦିଓ ଏହି ପଦଟି ଉପଖଣ୍ଡ ଭାବେ ସଦର ଉପଖଣ୍ଡକୁ ବୁଝାଉଥିଲା, ତେବେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିବର୍ତ୍ତେ ମୋର କାର୍ଯ୍ୟାଳୟ ରହିଥିଲା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଟକଙ୍କ ଅଧିନରେ। ଯାହା କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱିତୀୟ ମହଲାରେ ଅବସ୍ଥିତ ଥିଲା। ସେତେବେଳେ ନଗଦ ଆକାରରେ ଦରମା ମିଳୁଥିଲା। ଅଧିକାରୀ ବା କର୍ମଚାରୀ ଆକ୍ୟୁଟାନ୍ସରେ ରେଭିନ୍ୟୁ ଷ୍ଟାମ୍ପ ମାରି ଦରମା ନେଉଥିଲେ। ମୁଁ ବି ପ୍ରଥମ ଦରମା ନଗଦ ଆକାରରେ ଗଣି ଗଣି ନେଲାବେଳେ ବେଶ୍ ଆନନ୍ଦ ଲାଗିଲା। ପିଲାବେଳେ ପଢିଥିବା କଥା ମନେ ପଡିଗଲା। ‘‘ପାଣି ପିଇବ ଛାଣି ପଇସା ନେବ ଗଣି।’’ ସେତେବେଳେ ଆମ ବେସିକ ବା ମୂଳ ଦରମା ୧୪୦୦ ଟଙ୍କା ଥିଲା। ତା’ସହ ମିଶିବ ଡି.ଏ, ଘରଭଡା ବା ଏଚ.ଆର.ଏ। ମୁଁ ଯେହେତୁ ଜଏନ କରିଥିଲି ୧୭ ତାରିଖରେ ତେଣୁ ହିସାବ ଅନୁଯାୟୀ ମାସ ଶେଷରେ ମିଳିଲା ୧୩୮୨ ଟଙ୍କା। ପ୍ରଥମ ଦରମା ହୃଦୟରେ ସ୍ପନ୍ଦନ ବୃଦ୍ଧି ସହ ଶିହରଣ ଖେଳେଇ ଦେଲା। ପ୍ରଥମ ଦରମା ଦେଲି ବୋଉ ହାତରେ। ବୋଉ ପରଦିନ ଆମ ଗାଁ ଠାକୁରାଣୀ ଦକ୍ଷିଣେଶ୍ୱରୀଙ୍କ ଗାଧୁଆ ଓ ପୂଜାର ବ୍ୟବସ୍ଥା କରିଥିଲା। ତା’ସହିତ ପରଦିନ ଅଫିସ ଗଲାବେଳେ ବୋଉ ନିର୍ଦ୍ଦେଶରେ କିଛି ଟଙ୍କାରେ ନିମାପଡାରୁ ଛେନାଝିଲ୍ଲି କିଣିକି ନେଇଥିଲି ଅଫିସ୍ ଷ୍ଟାଫଙ୍କ ପାଇଁ। ପରବର୍ତ୍ତୀ ମାସ ଦରମାରେ ପରିବାରର ସମସ୍ତଙ୍କ ପାଇଁ ନୂତନ ବସ୍ତ୍ର କିଣିଥିଲି। ଆଜି ହୁଏତ ଦରମା ବଢିଛି। ହେଲେ ନଗଦରେ ହାତକୁ ଆସୁନାହିଁ। ବ୍ୟାଙ୍କ ଖାତାରେ ଜମା ହୋଇଯାଉଛି। କିନ୍ତୁ ସେତେବେଳେ ଦରମା ନେଲା ଦିନ ଗୋଟେ ଖୁସିର ମାହୋଲ ରହୁଥିଲା। ମାସର ୧ ବା ୨ ତାରିଖରେ ହାତରେ ନଗଦ ଦରମା ସତେଜ ଫୁଲ ଉପରେ କାକର ବିନ୍ଦୁ ଭଳି ଖୁସିରେ ଝଲସି ଉଠୁଥିଲା। ଆଉ ମାସ ଶେଷ ବେଳକୁ ଯେତେବେଳେ ପଇସା ସରିଯାଉଥିଲା ସମସ୍ତଙ୍କ ମୁହଁ ଫୁସ୍‌କା ବେଲୁନ ଭଳି ଶୁଖିଲା ଦିଶୁଥିଲା। ଏ ତ ଗଲା ରୋଜଗାରର କଥା। ଏହାବ୍ୟତିତ ଲେଖାଲେଖିରେ ରୁଚି ଥିବାରୁ ଯା’ ଭିତରେ ମୋ ଲିଖିତ ଅନେକ କ୍ଷୁଦ୍ରଗଳ୍ପ ଓ କବିତା ବିଭିନ୍ନ ଖବରକାଗଜ ଓ ମାଗାଜିନ୍‌ରେ ପ୍ରକାଶ ପାଇ ମୋତେ ବହୁ ପାଠକୀୟ ପ୍ରଶଂସା ଦେଇଛି।

# ମନମୋହିନୀର ତେରେଛା ହସ, ହସ ନୁହେଁ ସେ ତ ପ୍ରେମର ଫାଶ...

ସାଥୀ

**ପ୍ରଶ୍ନ**–ସେହି ସୁନ୍ଦରୀ ହସ ମୋତେ ପାଗଳ କରିଦେଇଛି। ହେଲେ ସେ ମୋ ମନର କଥାକୁ କେମିତି ବୁଝିବ କହିବେ କି ସାଥୀ ?

*–ଅମନ୍, ବାଲେଶ୍ୱର*

**ଉତ୍ତର:** ସେହି ସୁନ୍ଦରୀ ହସକୁ ଆପଣ ପ୍ରଥମେ ଭଲ ଭାବରେ ଷ୍ଟଡି କରନ୍ତୁ। ଯଦି ସେଥିରୁ ପ୍ରେମର ଝଲକ୍ ପାଉଛନ୍ତି, ତେବେ ବିଳମ୍ବ କରିବା ଅନାବଶ୍ୟକ। କାରଣ ‘ମନ ମୋହିନୀର ତେରେଛା ହସ, ହସ ନୁହେଁ ସେ ତ ପ୍ରେମର ଫାଶ’। ବାସ୍, ସମୟ ସୁବିଧା ଦେଖି ଯାହାକୁ ମନର ମାନସୀ ବୋଲି ଭାବି ନେଇଛନ୍ତି ତାଙ୍କୁ ନିଜ ମନ କଥା କୁହନ୍ତୁ। ଯଦି ଆପଣଙ୍କ କଥା ତାଙ୍କର ମନକୁ ଛୁଇଁଲା, ତେବେ ଜାଣିନିଅନ୍ତୁ ଯେ, ଆପଣଙ୍କ ଖୋଜିବା ଚିଜ ମିଳିଗଲା।

**ପ୍ରଶ୍ନ**–ଜଣେ ଝିଅ ମୋତେ ଅନେକ ଥର ‘ଆଇ ଲଭ୍ ୟୁ’ କହିସାରିଲାଣି। ହେଲେ ତାକୁ ମୁଁ ମୋ ମନର କଥା କହିବାକୁ ଡର ଲାଗୁଛି। ତାକୁ କେମିତି ମନର କଥା କହିବି ଜାଣିପାରୁନାହିଁ।

*–ଜି.ପି. ସାହୁ, କେନ୍ଦ୍ରାପଡା*

**ଉତ୍ତର:** ପ୍ରେମରେ ଯିଏ ଡରିଗଲା ସିଏ ହାରିଗଲା। ମନରେ ସାହସ ଏକଜୁଟ୍ କରନ୍ତୁ। ଏପରି ସୁଯୋଗ ପାଇବା ପରେ ତାକୁ ୟୁଟିଲାଇଜ ନ କରି ଆପଣ ଡରୁଛନ୍ତି! ଆପଣ ପ୍ରେମ କେମିତି କରିବେ ତାହା ତ ସନ୍ଦେହ ଘେରରେ। ସେପଟୁ ଗ୍ରୀନ୍ ସିଗନାଲ୍ ମିଳୁଛି ମାନେ ଆଉ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ। ଯେତେ ବିଳମ୍ବ କରିବେ ଚାନ୍ସଟି ହାତରୁ ଖସି ଯିବାର ସମ୍ଭାବନା ରହିଛି।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ଅନିକେତ ଦାସ, ବ୍ରହ୍ମପୁର*

**ଉତ୍ତର:** ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ। ତେଣୁ ନଖରାମିକୁ ନେଇ ନୋ ଟେନସନ, ଓନଲି ମସ୍ତି !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ତ ବାହା ହୋଇପାରିଲି ନାହିଁ। ତା’ ସାଙ୍ଗକୁ ବାହା ହୋଇଛି। ହେଲେ ନିକଟରେ ମୋ ପୂର୍ବ ପ୍ରେମକା ସହ ଭେଟ ହେବା ପରେ ମୁଁ ପୁଣି ଥରେ ତା’ ପ୍ରେମରେ ପଡିଯାଇଛି। ମୁଁ ଏବେ କ’ଣ କରିବି ଜାଣିପାରୁନାହିଁ ?

*–ସୁଜିତ, ରାଉରକେଲା*

**ଉତ୍ତର:** କଥାରେ ଅଛି–ଆପଣା ହସ୍ତେ ଜିହ୍ୱା ଛେଦି, କେ ତା’ର ଅଛି ପ୍ରତିବାଦୀ’। ଆପଣ ବିବାହିତ। ହେଲେ ପୁଣି ଥରେ ନିଜର ପୂର୍ବତନ ପ୍ରେମିକା ପ୍ରେମରେ ପଡିଗଲେଣି। ତେଣୁ ଏହାର ପରିଣାମ କ’ଣ ହେବ ଚିନ୍ତା କରନ୍ତୁ। ଜୋସ୍‌ରେ ସିନା ସେହି ପ୍ରେମିକା ସହ ପୁଣି ଥରେ ପ୍ରେମର ମଜା ନେବେ, ହେଲେ ଏହା ଦିନେ ପରମାଣୁ ବୋମା ପରି ଆପଣଙ୍କ ବୈବାହିକ ଜୀବନକୁ ଧ୍ୱଂସ କରିଦେବ। ତେଣୁ ବେଳ ଥାଉ ଥାଉ ସେହି ରାସ୍ତାରୁ ଓହରି ଆସନ୍ତୁ। ନଚେତ ପରିସ୍ଥିତି ଏମିତି ଉପୁଜିବ ଯେ, ନେଡି ଗୁଡ କହୁଣିକୁ ବୋହିଗଲେ ଫେରିବା କଷ୍ଟ।

**ପ୍ରଶ୍ନ**–ମୁଁ ଏବେ କଲେଜରେ ପଢୁଛି। ମୋଠାରୁ ବୟସରେ ବଡ ଜଣେ ଝିଅକୁ ଏକତରଫା ପ୍ରେମ କରିବସିଛି। ଆମର ପ୍ରେମ ଗାଡି ଆଗକୁ ଗଡିବ ତ ?

*–ପ୍ରଦୀପ କୁମାର, ପୁରୀ*

**ଉତ୍ତର:** ଗୋଟିଏ ପଟେ କହୁଛନ୍ତି ଯେ, ଆପଣଙ୍କ ପ୍ରେମ ଏକତରଫା। ଏପରି ପ୍ରେମରେ କ୍ଷଣିକ ମଜା ଥାଏ। ହେଲେ ସେହି ମଜା ଯେ ସବୁବେଳେ ମିଳିବ ତାହା ଭାବିବା ଭୁଲ। ତେଣୁ ଯାହାଙ୍କୁ ଏକତରଫା ପ୍ରେମ କରୁଛନ୍ତି ତାଙ୍କ ମନ ଭିତରେ ଆପଣଙ୍କ ପାଇଁ ସ୍ଥାନ ଅଛି କି ନାହିଁ ତାହା ଜାଣି ନିଅନ୍ତୁ। ନ ହେଲେ ଏମିତି ଅନ୍ଧାରରେ ବାଡି ବୁଲାଇଲେ କିଛି ଲାଭ ନାହିଁ। ଦୁଇଟି ମନ ଠିକ୍ ଭାବରେ ମିଶିଲେ ସେଥିରୁ ପ୍ରେମର ଅସଲ ମଜା ଅନୁଭୂତ ହୋଇଥାଏ। ତେଣୁ ପ୍ରଥମେ ନିଜ ମନରୁ ଏହି ଏକତରଫା ପ୍ରେମର ଭୂତକୁ ଉତାରି ଦିଅନ୍ତୁ।







# ମନସୁନ୍ ଫୁଟୱେର୍

**ବର୍ଷାଦିନେ ଛତା କିମ୍ବା ରେନ୍‌କୋଟ୍‌କୁ ବ୍ୟବହାର କରି ଶରୀରକୁ ସିନା ଓଦା ହେବାରୁ ରକ୍ଷା କରିହୁଏ କିନ୍ତୁ ଜୋତା ବା ଫୁଟୱେର୍‌କୁ ସୁରକ୍ଷା ଦେଇହୁଏନା। ଫଳରେ ତାହା ବର୍ଷାରେ ଓଦା ହୋଇ କେତେବେଳେ ଛିଡ଼ିଯାଏ ତ ପୁଣି କେତେବେଳେ ସେଥିରୁ ଉତ୍କଟ ଦୁର୍ଗନ୍ଧ ବାହାରିଥାଏ। ତେଣୁ ବର୍ଷାଦିନେ କେଉଁଭଳି ଫୁଟୱେର ପିନ୍ଧିବା ଆରାମଦାୟକ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ ...**



* **ଫ୍ଲିପ୍-ଫ୍ଲପ:** ବର୍ଷାଦିନେ ଏହାକୁ ପିନ୍ଧିଲେ ଯେମିତି କମ୍ଫଟେବଲ ଲାଗେ ପାଦକୁ ସେମିତି ଆକର୍ଷଣୀୟ ଲୁକ୍ ମିଳିଥାଏ। ସବୁଠୁ ବଡ଼ କଥା ହେଉଛି, ଏହି ଷ୍ଟାଇଲ୍‌ର ଫୁଟୱେର୍‌କୁ ଯେ କୌଣସି ଆଉଟ୍‌ଫିଟ୍ ସହ ଆରାମରେ ପିନ୍ଧିହୁଏ। ବିଶେଷକରି ସର୍ଟ୍ସ ହେଉ କିମ୍ବା ଜିନ୍ସ ସହ ଏହାକୁ ପେୟାର କଲେ ପାଦର ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ। ତା'ଛଡ଼ା ବର୍ଷାଦିନେ ଫ୍ଲିପ୍-ଫ୍ଲପ ଓଦା ହୋଇଗଲେ ମଧ୍ୟ କିଛି ଟେନ୍‌ସନ୍ ନାହିଁ। କାରଣ ଏହା ଓଦା ହେଲେ ବି ଶୀଘ୍ର ନଷ୍ଟ ହୁଏ ନାହିଁ ବରଂ ଶୀଘ୍ର ଶୁଖିଯାଏ।

* **କ୍ରକ୍ସ:** ଏହାକୁ ପିନ୍ଧିଲେ ପାଦକୁ ବେଶ୍ ହାଲ୍‌କା ଲାଗିଥାଏ। ତା'ଛଡ଼ା ଏହି ଫୁଟ୍‌ୱେର୍‌ରେ କଣା କଣା ଡିଜାଇନ୍ ଥିବାରୁ ପାଦରେ ପବନ ବାଜିଥାଏ। ଫଳରେ ବର୍ଷାଦିନେ ଏହି ଫୁଟ୍‌ୱେର ଓଦା ହୋଇଗଲେ ବି ଶୀଘ୍ର ଶୁଖିଯାଏ। ଏହି ଫୁଟ୍‌ୱେର ଦେଖିବାକୁ ମଧ୍ୟ ଖୁବ୍ ଟ୍ରେଣ୍ଡି ଲାଗିଥାଏ ; ତେଣୁ ବର୍ଷାଦିନେ ଆପଣ ଚାହିଁଲେ ଏହି ଫୁଟ୍‌ୱେର ଟ୍ରାଏ କରିପାରିବେ। ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ ଡିଜାଇନ୍‌ର କ୍ରକ୍ସ ମିଳିଥାଏ।

* **ଫ୍ଲୋଟର୍ସ:** ଅଲ୍‌ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଏହି ଫୁଟ୍‌ୱେର। ଏହାର ଡିଜାଇନ୍ ଏଭଳି ହୋଇଥାଏ ଯେ ; ଯାହାକୁ ବର୍ଷାରେ ପିନ୍ଧି ଚାଲିଲେ ପାଦ ସହଜରେ ସ୍ଲିପ୍ କରେନାହିଁ କିମ୍ବା ଏହା ପାଦରୁ ବାରମ୍ବାର ବାହାରିଯାଏ ନାହିଁ। ଖାସ୍ ଏହି ଦୁଇଟି କାରଣ ପାଇଁ ବର୍ଷାଦିନେ ଏହି ଫୁଟ୍‌ୱେର୍‌ର ଖୁବ୍ ଚାହିଦା ରହିଥାଏ।

* **ଗମ୍‌ବୁଟ୍:** ଏହି ବୁଟ୍‌ର ଲମ୍ବା ପ୍ରାୟତଃ ଆଣ୍ଠୁ ପର୍ଯ୍ୟନ୍ତ ରହିଥାଏ। ଫଳରେ ବର୍ଷାଦିନେ ଏହାକୁ ପିନ୍ଧିଲେ ପାଦ ସହଜରେ ଓଦା ହୁଏନାହିଁ। ତା'ଛଡ଼ା ଏହା ୱାଟର୍‌ପ୍ରୁଫ୍ ହୋଇଥିବାରୁ ବର୍ଷାଦିନେ ଭଲ ଲାଷ୍ଟିଂ ବି କରିଥାଏ। ଏହି ଫୁଟ୍‌ୱେର୍ ବିଭିନ୍ନ ରଙ୍ଗରେ ମାର୍କେଟ୍‌ରେ ଉପଲବ୍ଧ ହୋଇଥାଏ।

* **ଜେଲି ସୁ:** ସ୍ୱତନ୍ତ୍ର ପିଭିସି ପ୍ଲାଷ୍ଟିକ୍ ଦ୍ୱାରା ପ୍ରସ୍ତୁତ ହେଉଥିବା ଜେଲି ସୁ' ବର୍ଷାଦିନେ ପିନ୍ଧିବା ପାଇଁ ଏକ ଭଲ ଅପ୍ସନ । ଏହା ଭଲ ଲାଷ୍ଟିଂ ବି କରିଥାଏ। ବିଭିନ୍ନ ପ୍ରକାରର ଷ୍ଟାଇଲିଶ୍ ଡିଜାଇନ୍‌ରେ ଆସୁଥିବା ଏହି ଜେଲି ସୁ' କୁ ଯେକୌଣସି ଆଉଟ୍‌ଫିଟ୍ ସହ ମଧ୍ୟ ମ୍ୟାଚିଂ କରି ପିନ୍ଧାଯାଇପାରେ।











ତ୍ରିବେଣୀ

## ହାଃ ହାଃ

### ଯାଇଥାନ୍ତି

ମୋହନ ପପୁକୁ– ତୁ ପରା ଆଜି ଡାକ୍ତରଙ୍କ ପାଖକୁ ଯାଇଥାଆନ୍ତୁ ?
ପପୁ– ହଁ, ଯାଇଥାନ୍ତି । ହେଲେ...
ମୋହନ– କ'ଣ ହେଲା ?
ପପୁ– ଯାଇଥାନ୍ତି, ହେଲେ ଆଜି ମୋ ଦେହ ବେଶି ଖରାପ ଲାଗିଲା । ସେଥିପାଇଁ ଭାବିଲି ଟିକେ ଭଲ ଲାଗିଲା ପରେ ଯିବି ।

### ଝିଅ

ରାଜୁ ଗୋପାଳକୁ: ତୁ କେମିତିଆ ଝିଅ ବାହା ହେବୁ ?
ଗୋପାଳ: ଶାନ୍ତ, ସୁଶୀଳ, ବୁଦ୍ଧିମତି ଝିଅ । ଆଉ ତୁ କୋଉ ଝିଅକୁ ବାହା ହେବୁ ?
ରାଜୁ: ମୁଁ ଚାଇନିଜ୍ ଝିଅ ବାହା ହେବି ।
ଗୋପାଳ: କାହିଁକି ?
ରାଜୁ: ଯଦି କୌଣସି କାରଣରୁ ଆମକୁ ଖାଇବାକୁ ନ ମିଳେ ଚାଇନିଜ୍ ଝିଅକୁ ବାହା ହେଇଥିଲେ ଚିନ୍ତା ନ ଥିବ ।
ଗୋପାଳ: କେମିତି ?
ରାଜୁ: ସେ ପୋକଜୋକ ଖାଇକି ରହିଯିବ ନା ।

### ଆରତି

ପୂଜା ସମୟରେ ସ୍ୱାମୀ କାହା ସହ ଫୋନ୍‌ରେ କଥା ହେଉଥାନ୍ତି । ଏହା ଦେଖି ସ୍ତ୍ରୀ: ତମର ଆରତୀ କଥା ମନେ ଅଛି ତ ?
ସ୍ୱାମୀ: ହଁ, ମନେ ଅଛି । ସେଇ ଯୋଉ ପତଳା ହେଇକି ସୁନ୍ଦର ଝିଅଟେ । ସେଇତ ?
ସ୍ତ୍ରୀ: ପୂଜା ସରିଯାଉ ତମ କଥା ବୁଝୁଛି ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।





# ପର୍ଯ୍ୟଟନରେ ଭରା କର୍ସୋଗ

**ହୀମାଚଳ ପ୍ରଦେଶର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି କର୍ସୋଗ। ସବୁଜ ସୁନ୍ଦର ପରିବେଶ ସାଙ୍ଗକୁ ପାହାଡ, ନଦୀର ସୌନ୍ଦର୍ଯ୍ୟ ଏହି ସ୍ଥାନକୁ ଏକ ନିଆରା ଆକର୍ଷଣ ପ୍ରଦାନ କରିଥାଏ। ସେଥିପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୁଏ...**

ହୀମାଚଳ ପ୍ରଦେଶର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି କର୍ସୋଗ। ସବୁଜ ସୁନ୍ଦର ପରିବେଶ ସାଙ୍ଗକୁ ପାହାଡ, ନଦୀ, ସବୁଜ କ୍ଷେତର ସୌନ୍ଦର୍ଯ୍ୟ ପାଇଁ ବି ଏହା ବେଶ୍ ଲୋକପ୍ରିୟତା ହାସଲ କରିପାରିଛି। ରିମ୍‌ଝିମ୍ ବର୍ଷାରେ ଭିଜିଭିଜି ହେଉକି ଶୀତ କାକରରେ ଥରି ଥରି ଏଠାକାର ପାହାଡ଼, ପର୍ବତକୁ ବୁଲି ଦେଖିବାରେ ମିଳିଥାଏ ଏକ ଅପୂର୍ବ ଆନନ୍ଦ। ତା'ଛଡ଼ା ଏଠାକାର ନିକଟତମ ଅଞ୍ଚଳରେ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବି ଦେଖିବାକୁ ମିଳିଥାଏ ; ଯାହା ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ।

### କ'ଣ ଦେଖିବେ

**ଆଧ୍ୟାତ୍ମିକ ପୀଠ:** କର୍ସୋଗର ଆଖପାଖ ଅଞ୍ଚଳରେ ଅନେକ ଦେବଦେବୀଙ୍କ ମନ୍ଦିର ଥିବାର ଦେଖିବାକୁ ମିଳେ। ଯେମିତିକି: ମାମଲେଶ୍ୱର ମହାଦେବ, କାମାକ୍ଷା ଦେବୀ, ମହୁନ୍ ନାଗ ମନ୍ଦିର, ସୋମେଶ୍ୱର ମହାଦେବ, ତେବାନି ମହାଦେବ, ସୋମାକୋଠୀ ମନ୍ଦିର ଇତ୍ୟାଦି ଅନ୍ୟତମ।

**କର୍ସୋଗ ଉପତ୍ୟକା:** ଏହି ଉପତ୍ୟକା ନିଜର ଆକର୍ଷଣୀୟ ପ୍ରାକୃତିକ ପରିବେଶ ପାଇଁ ବେଶ୍ ପରିଚିତ। ବିଶେଷକରି ବର୍ଷାଦିନେ ଏହି ଉପତ୍ୟକାର ଆକର୍ଷଣ ଆହୁରି ବଢ଼ିଯାଏ। ଟ୍ରେକିଂ ପରି ଦୁଃସାହସିକ କ୍ରୀଡ଼ା ପାଇଁ ଏଠାରେ ଅନେକ ସୁବିଧା ମଧ୍ୟ ରହିଛି। ସେଥିପାଇଁ ପ୍ରକୃତିପ୍ରେମୀଙ୍କଠାରୁ ଆରମ୍ଭ କରି ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ଏହା ଏକ ଆଦର୍ଶସ୍ଥଳୀ ଭାବେ ମଧ୍ୟ ନାଁ କରିପାରିଛି।

**କର୍ସୋଗର ଗ୍ରାମ୍ୟ ପରିବେଶ:** ପ୍ରକୃତପକ୍ଷେ କର୍ସୋଗ ହୀମାଚଳ ପ୍ରଦେଶର ଏକ ଛୋଟ ସହର ହେଲେ ମଧ୍ୟ ଏହାର ଆଖପାଖ ଅଞ୍ଚଳରେ ଅନେକ ଗ୍ରାମାଞ୍ଚଳ ଥିବାର ମଧ୍ୟ ଦେଖିବାକୁ ମିଳିଥାଏ। ଏହି ଗ୍ରାମାଞ୍ଚଳ ଗୁଡ଼ିକରେ ଧାନ, ଗହମ, ମକା ତଥା ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଇଥାଏ। ପର୍ଯ୍ୟଟକ ଚାହିଁଲେ ଏହି ଗ୍ରାମାଞ୍ଚଳଗୁଡ଼ିକୁ ବୁଲିଯାଇ ସ୍ଥାନୀୟ ଲୋକଙ୍କର ଚାଲିଚଳଣ, ପ୍ରଥା, ପରମ୍ପରା ଆଦି ସମ୍ପର୍କରେ ଅନେକ ନୂଆ କଥା ଜାଣିବାର ସୁଯୋଗ ପାଇପାରିବେ।

ଏହାଛଡ଼ା କର୍ସୋଗର ଆଖପାଖ ଅଞ୍ଚଳରେ ଆହୁରି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବି ରହିଛି। ପର୍ଯ୍ୟଟକ ସେସବୁ ବୁଲି ବହୁ ନିଆରା ଅନୁଭୂତି ସାଉଁଟିପାରିବେ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ବୁଲିଯିବାର ସୁବିଧା ଏଠାରେ ରହିଛି। ସେହିପରି ଗମନାଗମନ ପାଇଁ ବି ଭଲ ବ୍ୟବସ୍ଥା ଏଠି ଅଛି। ସିମ୍‌ଲା ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ବିମାନବନ୍ଦର। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ବିଭିନ୍ନ ସ୍ଥାନରୁ ଆସୁଥିବା ଟୁରିଷ୍ଟ ବସ୍‌ରେ ବି ଏଠାକୁ ବୁଲି ଆସିପାରିବେ।

### ଦୁଃସାହସିକ ପର୍ଯ୍ୟଟନର ମଜା


ଦୁଃସାହସିକ କ୍ରୀଡ଼ା ପାଇଁ କର୍ସୋଗରେ ଅନେକ ସୁବିଧା ରହିଛି। ଖାସ୍ କରି ଟ୍ରେକିଂ, ହାଇକିଂ ଏଠାରେ ସୁବିଧାରେ କରି ହୋଇଥାଏ। ହେଲେ ବର୍ଷାଦିନେ ଏହି କ୍ରୀଡ଼ା ପାଇଁ ଟିକେ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ।

### କ'ଣ କିଣିବେ

ସ୍ଥାନୀୟ ଅଞ୍ଚଳର ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ବେଶ ସୁଲଭ ମୂଲ୍ୟରେ ଏଠାରୁ କିଣିପାରିବେ। ତା'ଛଡ଼ା କର୍ସୋଗରେ କେବଳ ଧାନ, ଗହମ ଚାଷ ହୁଏ ତାହା ନୁହେଁ, ସେଓ, ରାଜ୍‌ମା, ଡାଳିମ୍ବ, ଆଳୁ, ମଟରଛୁଇଁ, ବ୍ରକୋଲି, ନାଲି କାପ୍‌ସିକମ୍ ବି ଭଲ ଚାଷ କରାଯାଇଥାଏ। ପର୍ଯ୍ୟଟକ ଚାହିଁଲେ ଏସବୁ ଜିନିଷ ବି ଏଠାରୁ କିଣି ଆଣିପାରିବେ।



# ବଂଶୀ



**ପ୍ରଭୁ ଶ୍ରୀକୃଷ୍ଣଙ୍କ କଥା ମନକୁ ଆସିବା କ୍ଷଣି ତାଙ୍କ କମନୀୟ ରୂପ, ମନଲୋଭା ଠାଣି ସହ ହାତର ବଂଶୀ ଆପେ ଆଖିଆଗରେ ନାଚିଯାଏ। କାହିଁକିନା ଶ୍ରୀକୃଷ୍ଣଙ୍କର ତାଙ୍କ ବଂଶୀ ସହ ରହିଛି ନିବିଡ଼ ସମ୍ପର୍କ । କହିବାକୁଗଲେ ବଂଶୀ ବିନା ଶ୍ରୀକୃଷ୍ଣ ଅସମ୍ପୂର୍ଣ୍ଣ । ସେହି ବଂଶୀ ସମ୍ପର୍କରେ କିଛି...**

ମନୁଷ୍ୟର ବିକାଶ କ୍ରମରେ ବଂଶୀକୁ ତା'ର ପ୍ରଥମ ବାଦ୍ୟଯନ୍ତ୍ର କୁହାଯାଇପାରେ । ଯାହାକି ସାଧାରଣତଃ ବାଉଁଶରେ ତିଆରି ହୋଇଥାଏ । ବାଉଁଶରେ ତିଆରି ହୋଇଥିବାରୁ ଏହାକୁ ବଂଶୀ ବୋଲି କୁହାଯାଏ । ବିଶ୍ୱାସ କରାଯାଏ ବଂଶୀ ବା ଫ୍ଲୁଟ୍‌ର ଇତିହାସ ପ୍ରାୟ ୪୦,୦୦୦ ବର୍ଷ ପୁରାତନ । ହୁଏ ତ ଏହା ଆହୁରି ମଧ୍ୟ ପୁରୁଣା ହୋଇପାରେ । ପୃଥିବୀର ପ୍ରାୟ ସବୁ ସଭ୍ୟତାରେ ବଂଶୀର ଭୂମିକା ରହିଆସିଛି। ପାର୍ଶ୍ୱରୁ ଫୁଙ୍କି ବଜାଯାଉଥିବା ବଂଶୀ ଭାରତରୁ ଆରମ୍ଭ ହୋଇଥିବା କୁହାଯାଏ। ପୁରାତନ ବୌଦ୍ଧ, ହିନ୍ଦୁ ଓ ଜୈନ ମନ୍ଦିରର ଚିତ୍ରକଳାରେ ଏହାକୁ ଦେଖିବାକୁ ମିଳେ। ଆଉ ବଂଶୀକୁ ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରତୀକ ଭାବେ ବି ବିବେଚନା କରାଯାଏ । ଶ୍ରୀକୃଷ୍ଣଙ୍କୁ ପରମ୍ପରାଗତ ରୂପରେ ବଂଶୀ ବାଦକ କୁହାଯାଏ । ଏହା ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ପ୍ରେମ କାହାଣୀ ସହ ବି ଜଡ଼ିତ । ବଂଶୀକୁ ଅନେକେ ମୁରଲୀ ବୋଲି ମଧ୍ୟ କୁହନ୍ତି। ବିଭିନ୍ନ ଗ୍ରନ୍ଥରେ ପାର୍ଶ୍ୱରୁ ବଜା ଯାଉଥିବା ବଂଶୀର ବର୍ଣ୍ଣନା ରହିଛି। ଭାରତୀୟ ବଂଶୀ ବହୁତ ସରଳ ଓ ବାଉଁଶରେ ତିଆରି। ହେଲେ ପଶ୍ଚିମ ଦେଶର ବଂଶୀ ଟିକେ ଜଟିଳ । କେହି କେହି ଏହାବି କହନ୍ତି ଯେ ଗ୍ରୀସ ଓ ଇଜିପ୍ଟ ହେଉଛି ବଂଶୀର ଜନ୍ମସ୍ଥଳ ।

ଅନେକ ପୁରୁଣା ବଂଶୀ ୟୁରୋପରୁ ଆବିଷ୍କାର ହୋଇଛି ଓ ସେଥିମଧ୍ୟରୁ ପ୍ରାୟ ସବୁ ପ୍ରାଣୀଙ୍କ ହାଡ଼ରେ ତିଆରି। ମାମଥ ଶୁଣ୍ଢରେ ତିଆରି ତିନୋଟି ରନ୍ଧ୍ର ଥିବା ଏକ ବଂଶୀ ଜର୍ମାନୀର ସ୍ୱାବିଆନ ଆଲ୍‌ବରେ ମିଳିଥିଲା ଯାହାକି ୩୦,୦୦୦ରୁ ୩୭୦୦୦ ବର୍ଷ ପୂର୍ବର ବୋଲି ଅନୁମାନ କରାଯାଏ। ସେହିଭଳି ୨୦୦୮ରେ ସାତୋଟି ରନ୍ଧ୍ର ଥିବା ଶାଗୁଣାର ହାଡ଼ରେ ତିଆରି ଏକ ବଂଶୀ ଜର୍ମାନୀର ଉଲ୍ମସ୍ଥ ହୋହଲ ଫେଲ୍ସ ନାମକ ଗୁମ୍ଫାରୁ ମିଳିଥିଲା । ଏହା ୩୫୦୦୦ ବର୍ଷ ପୁରାତନ ବୋଲି ଅନୁମାନ କରାଯାଏ। ୨୦୦୪ରେ ୩୬୦୦୦ ବର୍ଷ ପୂର୍ବର ହଂସ ହାଡ଼ରେ ତିଆରି ବଂଶୀ ମିଳିଥିଲା। ସେହିଭଳି ସ୍ଲୋଭେନିଆର ଡିଭଜେ ବେବରୁ ଏକାଧିକ ରନ୍ଧ୍ର ଥିବା ଏକ କିଶୋର ଭାଲୁର ଜଙ୍ଘ ହାଡ଼ ମିଳିଛି। କୁହାଯାଏ ଏହା ମଧ୍ୟ ଏକ ବଂଶୀ ହୋଇପାରେ। ୪୩,୦୦୦ ବର୍ଷ ପୁରାତନ ଏହି ହାଡ଼ର ବଂଶୀ ସବୁଠାରୁ ପୁରୁଣା ବୋଲି ଧରାଯାଏ। ଏସବୁ ଦର୍ଶାଏ କି ୟୁରୋପରେ ଏକ ବିକଶିତ ସଙ୍ଗୀତ ପରମ୍ପରା ବହୁ ପୂର୍ବରୁ ଅଛି। ତେବେ କାଠର ବଂଶୀ ଏସବୁ ବଂଶୀଠାରୁ ବହୁ ପୂର୍ବରୁ ବ୍ୟବହାର ହୋଇଥାଇପାରେ ବୋଲି କୁହାଯାଏ। ହେଲେ ହାଡ଼ଠାରୁ କାଠ ଶୀଘ୍ର ମାଟିରେ ମିଶି ଯାଉଥିବାରୁ କାଠ ବଂଶୀର କିଛି ପ୍ରମାଣ ମିଳିପାରି ନାହିଁ।

ମହାନ୍ ଭାରତୀୟ ବଂଶୀବାଦକ ପନ୍ନାଲାଲ ଘୋଷ ପ୍ରଥମେ ସାତଟି ରନ୍ଧ୍ର ଥିବା ୩୨ ଇଞ୍ଚର ବଂଶୀକୁ ପରମ୍ପରାଗତ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ବଜାଇବା ପାଇଁ ବ୍ୟବହାର କରିଥିଲେ। ତେବେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଧୂନ ଓ ସୂକ୍ଷ୍ମତାକୁ ଭଲଭାବରେ ପ୍ରକାଶ କରିବା ପାଇଁ ପଣ୍ଡିତ ରଘୁନାଥ ପ୍ରସନ୍ନା ବଂଶୀବାଦନ କ୍ଷେତ୍ରରେ ବିଭିନ୍ନ ପଦ୍ଧତି ବିକାଶ କରିଥିଲେ।

ବଂଶୀଧ୍ୱନିର ଗୁଣବତ୍ତା ଖାସ୍‌କରି ବଂଶୀ ତିଆରି କରାଯାଉଥିବା ବାଉଁଶ ଉପରେ ନିର୍ଭର କରେ। ବଂଶୀ ପାଇଁ ଭଲ ବାଉଁଶ ସାଧାରଣତଃ ଦକ୍ଷିଣ ଭାରତର ନାଗରକୋଇଲ କ୍ଷେତ୍ରରୁ ଆସିଥାଏ।









# ମୁଣ୍ଡରେ ବସିଛି ଚଢ଼େଇ!

ଏଇ ଫଟୋଟି ଦେଖି ଭାବୁଛନ୍ତି କି ମହିଳାଙ୍କ ମୁଣ୍ଡ ଉପରେ ଚଢେଇଟିଏ ବସିଛି। ହେଲେ ସେମିତି କିଛି ନୁହେଁ। ମହିଳାଙ୍କ ମୁଣ୍ଡ ଉପରେ ଚଢ଼େଇ ବସି ନାହିଁ। ବରଂ ତାଙ୍କ କେଶରେ କରାଯାଇଛି ଚଢ଼େଇ ପରି ହେୟାରଷ୍ଟାଇଲ୍। ତମାଲିକା ରେ' ନାମ୍ନୀ ଜଣେ ମେକଅପ୍ ଆର୍ଟିଷ୍ଟ ଜଣେ ମହିଳାଙ୍କ କେଶରେ ଏହି ହେୟାରଷ୍ଟାଇଲ୍ କରିଛନ୍ତି। ଯାହାକି ସତସତିକା ଚଢ଼େଇ ଭଳି ଦେଖାଯାଉଛି। ତମାଲିକାଙ୍କର ଏକ ପାର୍ଲର ଅଛି। ସେ ସାଧାରଣତଃ ସୁନ୍ଦର ବ୍ରାଇଡାଲ ମେକ୍‌ଅପ୍ ପାଇଁ ପରିଚିତ। ହେଲେ ନିକଟରେ ସେ ଜଣେ ମଡେଲଙ୍କ କେଶରେ ଏହି ଅଜବ ହେୟାର ଷ୍ଟାଇଲ କରି ବେଶ୍ ଚର୍ଚ୍ଚାରେ ଥିଲେ। ଅନେକେ ଏଭଳି ହେୟାର ଷ୍ଟାଇଲ୍‌କୁ ପରିହାସ କରୁଥିବାବେଳେ କେହି କେହି ପ୍ରଶଂସା ବି କରିଛନ୍ତି। ତେବେ ତମାଲିକା କରିଥିବା ହେୟାର ଷ୍ଟାଇଲ ଏବେ ଭାଇରାଲ ହୋଇଯାଇଛି। ଆଉ ସେ ଭାଇରାଲ ହେବା ପାଇଁ ହିଁ ଏହି ହେୟାର ଷ୍ଟାଇଲ କରିଥିବା ଅନେକେ କୁହନ୍ତି।



ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ଦେବତା, ଭଗବାନ ଓ ଈଶ୍ୱର



ଆମମାନଙ୍କ ମଗଜରେ ଉପରୋକ୍ତ ତିନିଟି ପ୍ରସଙ୍ଗ ଏକ ବୋଲି ଜଣାପଡୁଥିଲେ ବି ବାସ୍ତବରେ ତାହା ନୁହେଁ। ଦେବତା, ଭଗବାନ ଓ ଈଶ୍ୱର ଏକ ନୁହନ୍ତି। ପରସ୍ପର ଅଲଗା ଅଲଗା । ଯିଏ ଦେବତା ସିଏ ଭଗବାନ ନୁହନ୍ତି। ଯିଏ ଭଗବାନ ସିଏ ଈଶ୍ୱର ନୁହନ୍ତି । ଭଗବାନ ଦେବତା ହୋଇପାରନ୍ତି କିନ୍ତୁ ଦେବତା ଭଗବାନ ନୁହନ୍ତି । କିନ୍ତୁ ଆମେ ସାଧାରଣ ଜୀବନରେ ଏ ସବୁ କଥା ଜାଣି ନ ଥିବାରୁ ଦେବତାଙ୍କୁ ଭଗବାନ ବା ଭଗବାନଙ୍କୁ ଈଶ୍ୱର ବୋଲି ମାନିବସୁ ଏବଂ ସ୍ଥଳ ବିଶେଷରେ ବିଶେଷ ଭୁଲ୍‌ମାନ ବି କରିବସୁ । ତେବେ ଆସନ୍ତୁ, ଅତ୍ୟନ୍ତ ସରଳ ଭାବେ ବୁଝିବା ଯେ ଦେବତା କିଏ, ଭଗବାନ କିଏ ଆଉ ଈଶ୍ୱର କିଏ ?

ଯଦି 'ଦେବତା' ଶବ୍ଦକୁ ପର୍ଯ୍ୟାଲୋଚନା କରାଯାଏ ତେବେ ସରଳ ଭାବେ କହିଲେ ଏୟା ହେବ ଯେ ଯିଏ ସବୁବେଳେ ଦିଅନ୍ତି, ସିଏ ଦେବତା । ଦେବାରେ ଦେବତାମାନଙ୍କ ପ୍ରବଳ ଆଗ୍ରହ ଥାଏ । ପ୍ରତିବଦଳରେ କ'ଣ ମିଳିବ, କେତେ ମିଳିବ ବା ମିଳିବ କି ନାହିଁ, ସେଥିପ୍ରତି ଦେବତାମାନଙ୍କ ନିଘା ନ ଥାଏ। ଏଇ କ୍ରମରେ ଦେବତାଙ୍କ ତାଲିକାରେ ଆସିଯିବେ ମାତାପିତା। ମାତାପିତା ହେଉଛନ୍ତି ଆମମାନଙ୍କର ପ୍ରଥମ ଦେବତା । ନିଜ ସନ୍ତାନ ନିମନ୍ତେ ସବୁ କିଛି କରିବା ପାଇଁ ପ୍ରସ୍ତୁତ ରୁହନ୍ତି ଏ ଦୁଇ ପ୍ରାଣୀ। ପେଟରେ ଓଦାକନା ପକେଇ ପୁଅଝିଅଙ୍କୁ ଖୁଆଇବାରେ ଏମାନଙ୍କର ଥାଏ ବେଶ୍ ଆତ୍ମତୃପ୍ତି । ନିଜେ ସାତ ସିଆଁ ପୋଷାକ ପିନ୍ଧି ପୁଅଝିଅଙ୍କୁ ଦାମୀ ଡ୍ରେସ୍ ପିନ୍ଧାଇବାରେ ଏମାନଙ୍କର ଢେର ଆନନ୍ଦ। ନିଜେ ପାଦରେ ଚାଲି ପୁଅକୁ ଦୁଇ ଚକିଆ ଗାଡିଟିଏ ଧରାଇଦେବାରେ ଏମାନଙ୍କର ଥାଏ ଢେର ଗୌରବ। ନିଜେ ପାଠ ପଢ଼ି ନ ଥିଲେ ବି ନିଜ ପୁଅକୁ ବାବୁ ବନାଇବାରେ ଏମାନଙ୍କର ଥାଏ ଅସରନ୍ତି ଆନନ୍ଦ। ହେଲେ ପୁଅ ବଡ଼ ହେଲେ ବାବୁ ହୋଇ ଏମାନଙ୍କୁ ଯେ ପଚାରିବ ବା ନ ପଚାରିବ, ସେ ବିଷୟରେ ଏ ଦୁଇ ପ୍ରାଣୀ କେବେ ଭାବନାକୁ ଆଣନ୍ତି ନାହିଁ। ରୋଜଗାର କରି ପୁଅ ଯଦି ବୃଦ୍ଧ ମାତାପିତାଙ୍କ ସୁଖଦୁଃଖରେ ସାମିଲ ହେଲା ତ ଭଲ କଥା, ଯଦି ବି ନ ହେଲା ତଥାପି ମାତାପିତାଙ୍କ ମନରେ ଦୁଃଖ ନ ଥାଏ। ଏ ବାବଦରେ ପଚାରିଲେ ସେମାନଙ୍କ ଠୁଁ – ତା' ରୋଜଗାର ତ ତାଙ୍କୁ ଅଣ୍ଟୁନି। ଆମକୁ ପଚାରିବେ କ'ଣ ବୋଲି ଉତ୍ତର ମିଳେ। ତ ଏମାନେ ହେଲେ ଦେବତା। ସେଥିପାଇଁ ପରା ଆମ ମଧୁବାବୁ କହିଲେ – ପିତାମାତା ଠାରୁ ବଡ଼ ଦେବତା ଯେ ସରଗେ ରାଇଜେ ନାହିଁ । ଏ ପଦରେ ସେ ଚାହିଁଥିଲେ 'ଦେବତା ' ଶବ୍ଦ ବଦଳରେ 'ଭଗବାନ' ବ୍ୟବହାର କରି ପାରିଥାନ୍ତେ । କିନ୍ତୁ ନା, ମାତାପିତା ସବୁବେଳେ ଦେବତା, ଭଗବାନ ନୁହନ୍ତି । ଅବଶ୍ୟ ଯଦି ଜଣେ ସେମାନଙ୍କୁ 'ଭଗବାନ' ବୋଲି ମାନନ୍ତି, ତେବେ କିଛି ଅସୁବିଧା ନାହିଁ କିନ୍ତୁ ତତ୍ତ୍ୱତଃ ଦେଖିଲେ ସେମାନେ ହେଉଛନ୍ତି ଦେବତା । ସେହିଭଳି ସୂର୍ଯ୍ୟ, ଚନ୍ଦ୍ର, ଇନ୍ଦ୍ର, ବରୁଣ, ପବନ, ପ୍ରକୃତି ଏମାନେ ସବୁ ହେଉଛନ୍ତି ଦେବତା । ଇନ୍ଦ୍ର କେତେ ଜଳ ବର୍ଷା କରୁଛନ୍ତି ପୃଥିବୀରେ। କେବେ କେଉଁଦିନ ସେ ୱାଟର ବିଲ୍ ମାଗିଲେଣି ? ସୂର୍ଯ୍ୟ କେତେ ଆଲୋକ ଦେଉଛନ୍ତି ଆମକୁ? କେଉଁଦିନ ସେ ଆମକୁ ଇଲେକ୍ଟ୍ରି ବିଲ୍ ମାଗିଲେଣି ? କାହିଁକି ମାଗୁନାହାନ୍ତି ବା ମାଗିନାହାନ୍ତି ? କାରଣ ସେ ହେଉଛନ୍ତି ଦେବତା । ଦେବତାମାନେ ମାଗି ଜାଣନ୍ତି ନାହିଁ । କେବଳ ଦେଇ ଜାଣନ୍ତି । ଆମମାନଙ୍କ ମଙ୍ଗଳ ପାଇଁ ଦେବତାମାନେ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରିଦେଇଥାନ୍ତି ।

ଅନେକଙ୍କ ମନରେ ପ୍ରଶ୍ନ ଉଠେ ଆମ ସୃଷ୍ଟିରେ କେତେ ଦେବତା ଅଛନ୍ତି ? ମାତାପିତା, ଗୁରୁଗୁରୁଜନ ଏମାନଙ୍କୁ ଆମେ ଦେବତା ମାନୁ । ଅତିଥିଙ୍କୁ ଦେବତା ମାନୁ । ବିପଦଆପଦରେ ଯିଏ ଯାହାଠୁ କିଛି ଉପକାର ପାଇଲା ସିଏ ତାଙ୍କୁ ଦେବତା ବୋଲି ଜ୍ଞାନ କରିପାରେ । ଏମାନେ ସବୁ ହେଉଛନ୍ତି ଦୃଶ୍ୟ ଦେବତା ଆମ ପାଖରେ ଆମ ଚତୁଃପାର୍ଶ୍ୱରେ ଥାନ୍ତି। ଇନ୍ଦ୍ର, ସୂର୍ଯ୍ୟ, ବରୁଣ ଏମାନେ ବି ଦୃଶ୍ୟ ଦେବତା। କେତେକ ଅଦୃଶ୍ୟ ଦେବତା ବି ଥାଆନ୍ତି ଯଥା – ବାୟୁ, ଯମ ଇତ୍ୟାଦି। ଆମ ଆଖି ଏମାନଙ୍କୁ ଦେଖି ନ ପାରୁଥିଲେ ମଧ୍ୟ ଏମାନଙ୍କ ଉପସ୍ଥିତି ଓ ଉପକାରକୁ ଆମେ ଅନୁଭବ କରୁ । ଜଣେ ମନେ ମନେ ଭାବିବ ଯେ ଯମ କ'ଣ ଆମ ଉପକାର କରୁଛନ୍ତି ମ ? ସେ କାହିଁକି ଦେବତା ହେବେ ? ନା, ଆଜ୍ଞା । ଯମ ବି ଦେବତା । ଦୁଃଖ ଯନ୍ତ୍ରଣାରୁ ସେ ଆମକୁ ମୃତ୍ୟୁ ରୂପକ ସୁଖ ପ୍ରଦାନ କରନ୍ତି । ବୁଢ଼ା ବା ବୁଢ଼ୀ ହୋଇ ଦଶ ବର୍ଷ ହେଲା ଶଯ୍ୟାରେ ମଳମୂତ୍ରରେ ଘାଣ୍ଟି ହେଉଥିବା କିମ୍ବା ରୋଗବ୍ୟାଧିରେ ପଡି ଉଠିବସି ପାରୁ ନ ଥିବା ଏବଂ ତତ୍‌ସହିତ ଆତ୍ମୀୟସ୍ୱଜନଙ୍କ ହତାଦର ଓ ଅବହେଳାର ଶିକାର ହେଉଥିବା ଲୋକଟିର 'ଯମ ଏକ ଦେବତା କି ନାହିଁ ?' ବୋଲି ପଚାର ତ ? ସେ ହିଁ କହିବ ଯେ – ହଁ, ଯମ ଏକ ଦେବତା।

କିନ୍ତୁ ପାଠକେ! ଆମ ଶାସ୍ତ୍ର ପୁରାଣରେ ଦେବତାଙ୍କ ସଂଖ୍ୟାକୁ ନେଇ ଏକ ଗଣନା ଅଛି। ଏହାକୁ ସମସ୍ତେ କୁହନ୍ତି ୩୩ କୋଟି । ଏ ସଂଖ୍ୟାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ – ଦେବତାଙ୍କ ସଂଖ୍ୟାକୁ କିଏ ଗୋଟି ଗୋଟି କରି ଗଣିଥିଲା ? ଏତେ ଦେବତା ଆସିଲେ କେଉଁଠୁ ? ସଂଖ୍ୟାଟି ୩୩ କୋଟି ହେଲା । ୩୪ କି ୩୫ ନ ହେଲା କାହିଁକି ? ଯଦି ୩୩ କୋଟି ହେଲା ତେବେ ଆଜି ପର୍ଯ୍ୟନ୍ତ ଆମେ ତ ସେମାନଙ୍କର ତାଲିକା ପାଇଲୁ ନାହିଁ ? ଯଦି ତାଲିକା ଅଛି ତେବେ ତାହା କେଉଁ ପୁରାଣରେ ଅଛି ? ଇତ୍ୟାଦି ଇତ୍ୟାଦି ଅନେକ ପ୍ରଶ୍ନ ଉଙ୍କି ମାରେ ମନରେ । ଏ ପ୍ରଶ୍ନର ସମାଧାନ କରିବାକୁ ଯାଇ ଆମ ପ୍ରାଜ୍ଞଜନମାନେ କହିଲେ ନା, ଦେବତାଙ୍କ ସଂଖ୍ୟା ୩୩ କୋଟି ନୁହେଁ, ୩୩ ଗୋଟି। 'କୋଟି' ଶବ୍ଦର ଦୁଇଟି ଅର୍ଥ ହୋଇପାରେ । ଗୋଟିଏ 'ସଂଖ୍ୟା'କୁ ବୁଝାଏ । 'କୋଟି 'ର ଅନ୍ୟ ଅର୍ଥ ହେଉଛି 'ପ୍ରକାର' । ତେଣୁ ୩୩ ପ୍ରକାରର ଦେବତା ଅଛନ୍ତି । ଏହାର ତାଲିକା ବି ଅଛି । ୧୨ ଆଦିତ୍ୟ ( ଧାତା, ଅର୍ଯ୍ୟମା, ମିତ୍ର, ବରୁଣ, ବିବସୱାନ, ପୁଂଷା, ପର୍ଯ୍ୟନ୍ୟ, ଅଂଶୁମାନ, ଭବ, ତ୍ୱଷ୍ଟା, ଇନ୍ଦ୍ର ଓ ବିଷ୍ଣୁ ), ୮ ବସୁ ( ଅଗ୍ନି, ପୃଥିବୀ, ବାୟୁ, ଅନ୍ତରୀକ୍ଷ, ଆଦିତ୍ୟ, ଦ୍ୟୌ, ଚନ୍ଦ୍ର ଓ ନକ୍ଷେତ୍ର ),୧୧ ରୁଦ୍ର ( ପ୍ରାଣ, ଅପାନ, ଉଦାନ, ସମାନ, ବ୍ୟାନ, ନାଗ, କୃମ, କୃକର, ଦେବଦତ୍ତ, ଧନଞ୍ଜୟ ଓ ଆତ୍ମା )ଏବଂ ୨ ଅଶ୍ୱିନୀକୁମାରଙ୍କୁ ମିଶାଇଲେ ସଂଖ୍ୟା ହେଉଛି ୩୩ । ଦୁଇ ଅଶ୍ୱିନୀକୁମାରଙ୍କ ବଦଳରେ କେହି କେହି ଇନ୍ଦ୍ର ଓ ବୃହସ୍ପତିଙ୍କ ନାମ ମଧ୍ୟ କୁହନ୍ତି ।

ତେବେ ଯାହାହେଉ ପାଠକେ, ଦେବତାଙ୍କ ସଂଖ୍ୟା ୩୩ କୋଟି ହେଉ ବା ଗୋଟି ହେଉ, ସଂଖ୍ୟା ଗଣିତର ସେ ଗୋଲକ ଧନ୍ଦା ବା ସେ ସନ୍ଦେହ ବଳୟକୁ ନ ପଶି ଗୋଟିଏ ସିଦ୍ଧାନ୍ତରେ ପହଞ୍ଚିବା ଯେ ନିଷ୍କାମ ଭାବରେ ଯିଏ ଆମକୁ ବଞ୍ଚିବା ଓ ବଢ଼ିବାରେ ସାହାଯ୍ୟ କରୁଛନ୍ତି ବା ସୃଷ୍ଟିର ମଙ୍ଗଳ ପାଇଁ ସତତ ଉତ୍ସର୍ଗୀକୃତ ଅଛନ୍ତି, ସେମାନେ ଆମ ପାଇଁ ଜଣେ ଜଣେ ଦେବତା । ଯେଉଁବ୍ୟକ୍ତି ବା ଅନୁଷ୍ଠାନମାନେ ବୃକ୍ଷରୋପଣ, ରକ୍ତଦାନ ଆଦି ମହତ କାର୍ଯ୍ୟ କରୁଛନ୍ତି ସେମାନେ ବି ଆମ ପାଇଁ ଦେବତା, ରାତି ପାହିଲେ ଆମ ଘର ଆଗରୁ ମ୍ୟୁନିସିପାଲିଟିର ଯେଉଁ ମେହେନ୍ତର ଅଳିଆ ଆବର୍ଜନା ଉଠାଉଛି ସିଏ ବି ଆମପାଇଁ ଦେବତା । ଯେଉଁମାନେ ନିଜ ଘର ପରିବାରର ସ୍ୱାର୍ଥ ଓ ସମସ୍ୟାକୁ ପଛରେ ପକାଇ ନିଜ ଗାଁ, ସହର ବା ସମାଜ କାର୍ଯ୍ୟରେ ଅହରହ ମାତିଛନ୍ତି ସେମାନେ ବି ଆମ ପାଇଁ ଦେବତା । ସେମାନଙ୍କୁ କୃତଜ୍ଞତା ଜଣାଇବା ଓ ସେମାନଙ୍କୁ ପୂଜା କରିବା ଆମର ବା ପ୍ରତିଟି ମଣିଷର ଏକ ବିଜ୍ଞତାପୂର୍ଣ୍ଣ କର୍ତ୍ତବ୍ୟ ହେବା ଉଚିତ ।

(ବାକି ଭଗବାନ ଓ ଈଶ୍ୱରଙ୍କ ବାବଦରେ ବାରାନ୍ତରେ ଆଲୋଚନା କରାଯାଇପାରେ। )


*–ପ୍ରିନ୍ସିପାଲ, ଆପେକ୍ସ ଆଇଟିଆଇ, ପତ୍ରକଣା, କସର୍ଦା, କଟକ*
*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ଉତ୍କଳ ସମ୍ମିଳନୀ ସମାଚାର–୫

**(ବିଚ୍ଛିନ୍ନାଞ୍ଚଳ ବିଶେଷାଙ୍କ)**
**ପ୍ରକାଶକ– ଉତ୍କଳ ସମ୍ମିଳନୀ, ଭୁବନେଶ୍ୱର**
**ମୂଲ୍ୟ– ନିଃଶୁଳ୍କ**

ଏହାର ସମ୍ପାଦନା ମଣ୍ଡଳୀରେ ୮ଜଣ ରହିଛନ୍ତି । ଉତ୍କଳ ସମ୍ମିଳନୀର ଏହା ବିଚ୍ଛିନ୍ନାଞ୍ଚଳ ବା ସୀମାନ୍ତ ଅଞ୍ଚଳ ବିଶେଷାଙ୍କ। ଏଠାକାର ଅଧିବାସୀ, ଭାଷା, ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ବିବିଧ ସମସ୍ୟାକୁ ଅନୁଭବ କରିବା ପରେ କର୍ତ୍ତୃପକ୍ଷ ଏଭଳି ସଂକଳନ ପ୍ରକାଶ କରିଛନ୍ତି । ପ୍ରଥମ ଅଧ୍ୟାୟରେ ଛତିଶଗଡ ବିଚ୍ଛିନ୍ନାଞ୍ଚଳ, ଦ୍ୱିତୀୟ ଅଧ୍ୟାୟରେ ଝାଡଖଣ୍ଡ ବିଚ୍ଛିନ୍ନାଞ୍ଚଳ, ତୃତୀୟ ଅଧ୍ୟାୟରେ ଆନ୍ଧ୍ର ପ୍ରଦେଶ ବିଚ୍ଛିନ୍ନାଞ୍ଚଳ, ଚତୁର୍ଥ ଅଧ୍ୟାୟରେ ପଶ୍ଚିମବଙ୍ଗ ବିଚ୍ଛିନ୍ନାଞ୍ଚଳ ଓ ପଞ୍ଚମ ଅଧ୍ୟାୟରେ ଉତ୍କଳ ସମ୍ମିଳନୀ ସମ୍ପର୍କରେ





ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି । ଏହି ବିଶେଷାଙ୍କରେ ଅନେକ ମାନ୍ୟଗଣ୍ୟ, ପ୍ରଥିତଯଶା ଲେଖକ, ଗବେଷକ, ବୁଦ୍ଧିଜୀବୀ ଓ ଚିନ୍ତକଙ୍କ ଲେଖା ପ୍ରକାଶିତ ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମର ସୁଦୃଶ୍ୟ ରଙ୍ଗିନ ଫଟୋ ମଧ୍ୟ ସ୍ଥାନ ପାଇଛି। ପୁସ୍ତକରେ ଅନେକ ଉପାଦେୟ ଓ ତଥ୍ୟପୂର୍ଣ୍ଣ ଲେଖା ସ୍ଥାନିତ ହୋଇଛି। ଯାହା ସମସ୍ତଙ୍କ ଲାଗି ଉପାଦେୟ ହେବାସହ ସୁଖପାଠ୍ୟ ହେବ ବୋଲି ଆଶା।

### ଆଟମ୍‌ରୁ କ୍ୱାଣ୍ଟମ୍

**ଶରତ କୁମାର ମହାନ୍ତି**
**ପ୍ରକାଶକ– ଅଗ୍ରଦୂତ, ବାଙ୍କାବଜାର, କଟକ–୨ ମୂଲ୍ୟ– ୧୫୦ଟଙ୍କା**

'ଆଟମ୍‌ରୁ କ୍ୱାଣ୍ଟମ୍' ହେଉଛି ଶରତ କୁମାର ମହାନ୍ତିଙ୍କ ବିଜ୍ଞାନ ଭିତ୍ତିକ ପ୍ରବନ୍ଧକୁ ନେଇ ପ୍ରକାଶିତ ସଂକଳନ। ଏଥିରେ ୨୨ ପ୍ରବନ୍ଧ ପ୍ରକାଶିତ ହୋଇଛି । ଗତ ୪ଶହ ବର୍ଷ ଭିତରେ ବିଜ୍ଞାନର ଯେତେ ବିକାଶ ଘଟିଛି ତାହା କଳ୍ପନା କରିବା କଷ୍ଟକର। ଚିକିତ୍ସା, ଗମନାଗମନ ଓ ଆମୋଦ ପ୍ରମୋଦ କ୍ଷେତ୍ରରେ ବିଜ୍ଞାନ ଅଭୁତପୂର୍ବ ସୁଯୋଗ ଆଣି ଦେଇଛି । ବିଜ୍ଞାନ ଯୋଗୁ ଆମେ ଆକାଶରେ




ଉଡିପାରୁଛୁ, ମୋବାଇଲ ମାଧ୍ୟମରେ ବିଭିନ୍ନ ସ୍ଥାନରେ ଥିବା ଲୋକଙ୍କ ସହ କଥା ହୋଇପାରୁଛୁ । ବିଜ୍ଞାନ ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସହାୟକ ହୋଇପାରୁଛି। ଲେଖକଙ୍କର 'ଚାରଜାତି ବଳ', 'ଚାରିଜାତି କଣିକା', 'ଗୋଟିଏ ନୂଆ ଶୂନ୍ୟ ସଂହିତା', 'କଣିକାଙ୍କ ଶ୍ରେଣୀ ବିଭାଗ', 'ଆଲୋକ ତରଙ୍ଗ ବା କଣିକା' ଆଦି ଯେକୌଣସି ପ୍ରବନ୍ଧ ପଢନ୍ତୁ ତାହା ଅତ୍ୟନ୍ତ ଉଚ୍ଚକୋଟିର । ତେଣୁ ପୁସ୍ତକର ଭବିଷ୍ୟତ ନିଶ୍ଚିତ ଉଜ୍ଜ୍ୱଳମୟ ।

### ଉତ୍କଳ ପ୍ରଦୀପ

**୬ଷ୍ଠ ଖଣ୍ଡ(ଲ–ସ)**
**ସଂକଳକ–ବୀରେନ୍ଦ୍ର କୁମାର ସାମନ୍ତରାୟ**
**ପ୍ରକାଶକ– ସଂକଳକ ନିଜେ, ମୂଲ୍ୟ–୧୨୦୦ଟଙ୍କା**

ପୁସ୍ତକଟି 'ଲ'ଠାରୁ ଆରମ୍ଭ ହୋଇ ସ୍ନେହାଙ୍ଗିନୀ ଛୁରିଆ ବା ସ୍ନେହା ସୋରେନ୍‌ଙ୍କ ପାଖରେ ୧୦୪୦ ପୃଷ୍ଠାରେ ଶେଷ ହୋଇଛି। ବର୍ଣ୍ଣମାଳାର 'ର'ଅକ୍ଷର ପରେ 'ଳ' ଆସେ । 'ଳ' ଟି 'କ୍ଷ' ଶେଷରେ ହିଁ ରହିଥାଏ। ତେବେ 'ଳ'ରେ କୌଣସି ନାମ ନ ଥିବାରୁ ତା ବଦଳରେ 'ଲ'କୁ ବ୍ୟବହାର କରାଯାଇଥାଏ । ଏହି ଖଣ୍ଡରେ 'ଲ–ଶ–ସ' ଏହି ୩ ଅକ୍ଷରରେ ଥିବା ପରିଚୟଗୁଡିକୁ ସ୍ଥାନ ଦିଆଯାଇଛି। 'ଶ'ପରେ 'ଷ'ଅକ୍ଷରରେ ମାତ୍ର ଦୁଇଟି ନାମ ଏଥିରେ ଦିଆଯାଇଛି। ଏହି ଖଣ୍ଡରେ




ମୋଟ ୩୭୮୦ ଜଣଙ୍କ ପରିଚୟ ରହିଛି। ଏଥିରେ ଫଟୋ, ତଥ୍ୟ, ଜିଲା ଏବଂ ଜନ୍ମ ତାରିଖ ନିର୍ଭୁଲ ଭାବେ ଦିଆଯାଇଛି। ପୁସ୍ତକରେ ପ୍ରଥମେ ସ୍ୱାଧୀନତା ସଂଗ୍ରାମୀ ଲଇଖନ ଦୁରୁଆଙ୍କଠାରୁ ଆରମ୍ଭ ହୋଇ ସ୍ନେହା ସୋରେନ୍‌ଙ୍କଠାରେ ଶେଷ ହୋଇଛି। ପୁସ୍ତକଟି ନିଶ୍ଚିତଭାବେ ଉତ୍କଳର ପ୍ରଦୀପ ବା ଆଲୋକ। ଏହା ଓଡ଼ିଶାର ଏକ ସଂଗ୍ରହଣୀୟ ଗ୍ରନ୍ଥ, ଯାହାର ଆବଶ୍ୟକତା ସବୁ ସମୟରେ ରହିବ ।

# ପିଠିରେ ବୋହି ନେବେ ଏଇ ବିଛଣା

ଯଦି କେବେ ପିକ୍‌ନିକ ଅବା କ୍ୟାମ୍ପ କରିବାକୁ ଯାଉଛନ୍ତି, ଆଉ ସେଠି ଆରାମରେ କିଛି ସମୟ ବିତାଇବାକୁ ଚାହାନ୍ତି ତେବେ ଏଇ ବିଛଣାକୁ ସାଙ୍ଗରେ ନେଇପାରିବେ। ଏହାକୁ ନେବା ବହୁତ ସହଜ। ବ୍ୟାକ୍‌ପ୍ୟାକ୍ ପରି ପିଠିରେ ଲଦି ନେଇପାରିବେ। ଆଉ ବେଶ୍ ସହଜରେ ଖୋଲି ଏକ



ସୁନ୍ଦର ଆରାମଦାୟକ ଶେଯରେ ରୂପାନ୍ତର କରିପାରିବେ। ଏହାର ନାମ ହେଉଛି ଭୋପ୍ଲାଟ୍‌ସ। ଡଚ୍ ଷ୍ଟୁଡିଓ ମାଙ୍କିଙ୍କ ଆଣ୍ଡ ବେ' ଏହାକୁ ତିଆରି କରିଛି। ଏହା ଏକ ଫଙ୍କଶନାଲ ସୋଫା ବେଡ୍। ଏଥିରେ ଏକ କାଠର ଫ୍ରେମ୍ ଥାଏ। ଯେଉଁଥିରେ ଏକ ଉଲେନ୍ ଜ୍ୟାକେଟ୍ ଆଟାଚ୍ ହୋଇଥାଏ। ଏହି ଜ୍ୟାକେଟ୍‌କୁ ପିନ୍ଧିଲେ ପୂରା ଫ୍ରେମ୍ ଓ ତା'ସହ ଆଟାଚ୍ ହୋଇରହିଥିବା ବିଛଣାକୁ ପିଠିରେ ବ୍ୟାକପ୍ୟାକ୍ ପରି କ୍ୟାରି କରିହେବ। ପରେ ଯେଉଁଠି ଚାହିଁବେ ଏହାକୁ କାନ୍ଧରୁ ବାହାର କରି ରଖିଦେଲେ ଗୁଡେଇ ହୋଇ ରହିଥିବା ବିଛଣା ସିଟ୍ ଭଳି ରହିବ। ଯାହା ଉପରେ ଆରାମରେ ବସିପାରିବେ ଓ ଉପରକୁ ଲମ୍ବିଥିବା କାଠ ଫ୍ରେମ୍ ବ୍ୟାକରେଷ୍ଟର କାମ କରିବ। ଏହାକୁ ବିଛଣାର ରୂପ ଦେବାକୁ ହେଲେ କେବଳ ଏତିକି କରିବାକୁ ହେବ ଯେ, ବିଛାଣକୁ ଗୁଡେଇକି ରଖିଥିବା ଷ୍ଟ୍ରାପ୍‌କୁ ଖୋଲିଦେବେ। ଆଉ ଏହା ଏକ ଲମ୍ବା ଆରାମଦାୟକ ବିଛଣା ହୋଇଯିବ। ଯାହା ଉପରେ ଆରାମରେ ଶୋଇପାରିବେ।

ବ୍ୟାକ୍ ପେଜ୍




# ହେଲୋକିଟି ଏରୋପ୍ଲେନ୍

ଫ୍ଲାଇଟ୍‌ରେ ଅନେକେ ଯାଇଥିବେ। ତେବେ ଶିକାଗୋ ଏବଂ ମିଡୱେଷ୍ଟରୁ, ଏସିଆ ଓ ଚାଇନାକୁ ଯାଉଥିବା ବୋଇଂ ୭୭୭-୩୦୦ ଇଆର୍ ବିମାନରେ ଯିଏ ଥରେ ଯାତ୍ରା କରିବେ ସେ ନିଶ୍ଚିତଭାବେ ଭିନ୍ନ ଏକ ସ୍ମୃତି ସାଉଁଟିବେ। କାରଣ ଏହି ବିମାନ ବେଶ୍ ମଜାଦାର। ଖାସ୍ କରି ଛୋଟ ପିଲାଙ୍କୁ ଏହି ବିମାନରେ ଯିବାକୁ ବେଶି ଭଲ ଲାଗିବ। କାରଣ ଏହାକୁ ହେଲୋ କିଟି ଥିମ୍‌ରେ ସଜା ଯାଇଛି। ଏହାର ଚତୁଃପାର୍ଶ୍ୱରେ ହେଲୋ କିଟିର ରଙ୍ଗିନ ଚିତ୍ର କରାଯାଇଛି, ଯାହାକି ବିମାନକୁ ଭିନ୍ନ ଲୁକ୍ ଦେଇଥାଏ। ଏହାବାଦ ଏହାର କ୍ରୁ ସଦସ୍ୟମାନେ ହେଲୋ କିଟି ୟୁନିଫର୍ମ ପିନ୍ଧନ୍ତି। ଏହାର ଇଣ୍ଟେରିୟର୍, ହେଡ୍‌ରେଷ୍ଟ, ତକିଆ, ଏୟାର ସିକ୍‌ନେସ୍ ବ୍ୟାଗ୍, ଏମିତିକି ଟଏଲେଟ୍ ପେପର୍‌ରେ ବି ହେଲୋ କିଟି କାର୍ଟୁନ୍‌ର ବିଭିନ୍ନ ଚରିତ୍ରର ଚିତ୍ର ଥିବା ଦେଖିବାକୁ ମିଳେ। ଖାଦ୍ୟ ବି ଏଠି ହେଲୋକିଟି ଥିମ୍‌ରେ ପ୍ରସ୍ତୁତ କରାଯାଏ। ସେଥିପାଇଁ ତ ଏଥିରେ ଯାତ୍ରା କରିଥିବା ଯାତ୍ରୀଙ୍କ ପାଇଁ ଅଭୁଲା ହୋଇ ରହିଯାଏ।






# ବିରାଟ ଗଛ ପାଇଲା ନୂଆ ରୂପ

ଭର୍ଜିନିଆର ୧୦୦ ଏକରବିଶିଷ୍ଟ ଆର୍ଟ ଆଣ୍ଡ ନେଚର ପାର୍କରେ ଦେଖିବାକୁ ମିଳେ ଏକ ଅଜବ ଦୃଶ୍ୟ। ପ୍ରକୃତି ଓ କଳା କାରିଗରିର ଅଦ୍ଭୁତ ମିଶ୍ରଣ ଥିବା ଏହି ପାର୍କରେ ଏକ ବିରାଟ ୧୦୦ ଫୁଟ୍‌ର ୟେଲୋ ପୋପଲାର ଗଛରେ ଲଗାଯାଇଛି ଅନେକ ଝୁଲା। ଯେଉଁଥିରେ ବସି ପିଲାମାନେ ବେଶ୍ ମଜା ଉଠାନ୍ତି। କେବଳ ସେତିକି ନୁହେଁ ଏହି ଗଛର ଗଣ୍ଡିର କିଛି ଅଂଶକୁ କାଟି ଚେୟାର ଟେବୁଲ କରାଯାଇଛି। ଫଳରେ ଲୋକେ ଏଠି ଆରାମରେ ବସି ପ୍ରକୃତିର ସୁନ୍ଦର ଦୃଶ୍ୟକୁ ଉପଭୋଗ କରିପାରିବେ। ଗଛର ବିରାଟଗଣ୍ଡିର ମଝି ଭାଗରେ ଏକ ଛୋଟ ଘର ବା କିଓସ୍କ ବି କରାଯାଇଛି। ଯାହାର କାଚ ଝରକାକୁ ଏହି ଗଛର ପତ୍ର ଲଗାଇ ସଜାଯାଇଛି। ଉକ୍ତ କିଓସ୍କରେ ପର୍ଯ୍ୟଟକଙ୍କୁ ଯେଉଁ ସୁପ୍ ଦିଆଯାଏ ତାହା ଉକ୍ତ ଗଛର ଛାଲିରୁ ବାହାର କରାଯାଇଥିବା ସିରପ୍‌ରୁ ପ୍ରସ୍ତୁତ କରାଯାଇଥାଏ। ଗଛର ଶାଖାଗୁଡ଼ିକରେ ସୁନ୍ଦର ଲାଇଟ୍ ବି ଲଗାଯାଇଛି। ଫଳରେ ସନ୍ଧ୍ୟାବେଳେ ଏହାର ଦୃଶ୍ୟ ବହୁତ ମନୋରମ ଲାଗେ।